ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.237 Bhubaneswar Tuesday, November 09, 2021 | ୨୪ତମ ବର୍ଷ ସଂଖ୍ୟା-୨୩୭ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଗୃହମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେ.ପି. ନାଡା ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ବିଜେପି ସହପ୍ରତିଷ୍ଠାତା ଏଲ.କେ. ଆଡ଼ଭାନୀଙ୍କୁ ତାଙ୍କ ବାସଭବନରେ ୯୪ତମ ଜନ୍ମ ଦିନରେ ଶୁଭେଚ୍ଛା ଜଣାଉଛନ୍ତି

## ରାଜ୍ୟରର ୮ ସହର ରେ ୧୫ ଡ଼ିଗ୍ରୀ ତଳେ ତାପମାତ୍ରା

ଭୁବନେଶ୍ୱର, ୦୮।୧୧(ପି.ଏନ): ରାଜ୍ୟରେ ଥଣ୍ଡା ବଢିବାରେ ଲାଗିଛି । ରାଜ୍ୟର ୮ଟି ସ୍ଥାନର ତାପମାତ୍ରା ୧୫ ଡିଗ୍ରୀରୁ ତଳେ ରେକର୍ଡ କରାଯାଇଛି । ୧୦ ଡ଼ିଗ୍ରୀ ସହ ଆଜି ବି ଦାରିଙ୍ଗବାଡି ଓଡିଶାର ଥଣ୍ଡା ସହର ହୋଇଛି । ମିଳିଥିବା ସୂଚନା ଅନୁସାରେ ଫୁଲବାଣୀ ରେ ୧୧.୫ଡ଼ିଗ୍ରୀ, କୋରାପୁଟ ୧୨.୦ଡ଼ିଗ୍ରୀ, କେନ୍ଦୁଝର ୧୩.୦, ଭବାନୀପାଟଣା ଏବଂ ଝାରସୁଗୁଡା ରେ ୧୪.୨ଡ଼ିଗ୍ରୀ, ଟିଟଲାଗଡ ଏବଂ ସୋନପୁର ରେ ୧୪.୮ ଡ଼ିଗ୍ରୀ ରାତ୍ରି ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ଭୁବନେଶ୍ୱର ରେ ୧୭.୪ଡ଼ିଗ୍ରୀ ଏବଂ କଟକ ରେ ୧୭ ଡ଼ିଗ୍ରୀ ରାତ୍ରି ତାପମାତ୍ରା ରେକର୍ଡ କରାଯାଇଛି ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**

## ଲୋକପ୍ରିୟ କାର୍ଟୁନିଷ୍ଟ କିଶୋର ରଥଙ୍କ ପରଲୋକ

ଭୁବନେଶ୍ୱର, ୦୮।୧୧(ପି.ଏନ): ରାଜ୍ୟର ଲୋକପ୍ରିୟ କାର୍ଟୁନିଷ୍ଟ କିଶୋର ରଥ ଆଉ ନାହାନ୍ତି। ଆଜି ସକାଳେ ଭୁବନେଶ୍ୱରରେ ତାଙ୍କର ପରଲୋକ ହୋଇଛି। ତାଙ୍କ ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସୋମବାର ଭୋର ସମୟରେ ତାଙ୍କର ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥିଲା। ଏହାପରେ ତାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଶ୍ରୀ ରଥଙ୍କର ପରଲୋକ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୫୯ବର୍ଷ ହୋଇଥିଲା।

## ଭୁବନେଶ୍ୱରରୁ ଆଉ ୧୨୯ ପଜିଟିଭ୍

ଭୁବନେଶ୍ୱର,୦୮।୧୧(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ସୋମବାର ଦିନ ୧୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୬ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିକବା ବେଳେ ୯୩ ଜଣ ଲୋକାଲ ମାମଲା ରହିଛନ୍ତି। ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୨୨୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୯୨୮୪କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୧୬୧୫୦ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତମାନ ୨୦୫୧ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୬୨ରେ ପହଂଚିଛି।

## ଆଜିଠୁ ଚାଲିବ ହାଓଡ଼ା - ଭଦ୍ରକ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୦୮।୧୧(ପି.ଏନ): ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ପ୍ରଦାନ କରିବା ପାଇଁ ହାଓଡ଼ା ଓ ଭଦ୍ରକ ମଧ୍ୟରେ ଚଳିତ ମାସ ୦୯ ତାରିଖ ଠାରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଅଛି । ୦୮୦୪୩ ହାଓଡ଼ା ଓ ଭଦ୍ରକ ସ୍ପେସିଆଲ ଆସନ୍ତା ୦୯ ତାରିଖ ଠାରୁ ହାଓଡ଼ା ରୁ ଅପରାହ୍ନ ୩ଘ.୪୦ମି.ରେ ଛାଡି ଭଦ୍ରକ ଠାରେ ରାତ୍ରି ୧୦ଘ.୩୫ମି.ରେ ପହଂଚିବ ।

# ଗୋଟିଏ ଦିନରେ ୨୭୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୭୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୩୭୪୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୨ ହଜାର ୧୯୭ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୧୩୪ ରହିଛି । ଆଜି ଚିହ୍ନଟ ହୋଇଥିବା ୨୭୬ ଜଣଙ୍କ ମଧ୍ୟରୁ ୧୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୩୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୪ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରେ ୧୦, ଗଜପତି ଜିଲ୍ଲାରେ ୮ ଜଣ ସଂକ୍ରମିତ ହୋଇଥିବାବେଳେ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୫ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ବଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୩୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ମମିତା ମେହେର ହତ୍ୟା ଘଟଣା :ଭିଡିଓ ଦେଖାଇ ଭ୍ରମିତ କରିବାକୁ ଚେଷ୍ଟା କରୁଛି ବିଜେଡି : କଂଗ୍ରେସ

ଭୁବନେଶ୍ୱର, ୦୮।୧୧(ପି.ଏନ): କଳାହାଣ୍ଡି ଗସ୍ତ ପୂର୍ବରୁ ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ରାଜ୍ୟର ଦୁଇଟି ବହୁଚର୍ଚ୍ଚିତ ଘଟଣା ଉପରେ ଦୁଇଟି ଭିଡିଓ ଗଣମାଧ୍ୟମ ସାମ୍ନାରେ ଦେଖାଇ ବିଜୁ ଜନତା ଦଳ ନାରୀ ବିରୋଧୀ ନୁହେଁ ବୋଲି କହିବାକୁ ଚେଷ୍ଟା କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ମମିତା ମେହେର ହତ୍ୟା ଘଟଣାକୁ ବାଟବଣା କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ବିଜେଡିକୁ ସାଧାରଣ ଜନତା ବିଶ୍ୱାସ କରିବା ସ୍ଥିତିରେ ନାହାନ୍ତି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ।ଟିକିରି ଘଟଣା ଉପରେ ଆଧାରିତ ହୋଇଥିବା ପ୍ରଥମ ଭିଡିଓରେ ଷଡ଼ଯନ୍ତ୍ରକାରୀ ନେତ୍ରାନନ୍ଦ ଦଣ୍ଡସେନା ଦଣ୍ଡ ପାଇବା ଘଟଣାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ଉକ୍ତ ଘଟଣାରେ ମୃତ୍ୟୁକାଳୀନ ଜବାନବନ୍ଦୀରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୀଳ ଜିନ୍ ପ୍ୟାଣ୍ଟ ପିନ୍ଧା ଯୁବକକୁ ଏବେ ସୁଦ୍ଧା କ୍ରାଇମବ୍ରାଂଚ୍ କିମ୍ବା ସିବିଆଇ ଧରିବାରେ ସଫଳ ହୋଇଛି କି ? ଏବଂ ଦ୍ୱିତୀୟ ଭିଡିଓଟିରେ କୁନ୍ଦୁଳି ଘଟଣାରେ ତଦନ୍ତକୁ ନେଇ ବାହାସ୍ଫୋଟ ମାରୁଥିବା ବିଜେଡି କେତେ ଜଣ ଅପରାଧୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବୋଲି ପ୍ରଶ୍ନ କରିବା ସହିତ ପିପିଲି ଗଣଦୁଷ୍କର୍ମ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା କ୍ରାଇମ ବ୍ରାଂଚ ତଥ୍ୟ ପ୍ରମାଣ ଯୋଗେଇବାରେ ବିଫଳ ହେବାରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ସ୍ଥଳେ ବ୍ରହ୍ମଗିରି ରେବେଣା ନୂଆଗାଁ ଆୟୁଷ ଡାକ୍ତରାଣୀ ମାଧବିଲତା ମୃତ୍ୟୁ ଘଟଣାରେ ଜିଆରପି ପୋଲିସ୍ ଶବ ବ୍ୟବଚ୍ଛେଦ ପରେ ଯେଉଁ ସ୍ଥାନରେ ମୃତଦେହ ପୋତିଥିଲା, ଯେତେବେଳେ ଦୁଇଦିନ ପରେ ଉଚ୍ଚ ନ୍ୟାୟାଳୟ ଘଟଣାରେ ହସ୍ତକ୍ଷେପ କରି ପରିବାର ପକ୍ଷଙ୍କୁ ଶବ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଲେ, ଅଚାନକ ପୋତାଯାଇଥିବା ସ୍ଥଳରୁ ଶବ ଗାଏବ ହୋଇଯାଇଥିଲା, ଯାହା ଏବେ ମଧ୍ୟ ରହସ୍ୟ ଘେରରେ । ତଦନ୍ତର ସ୍ୱଚ୍ଛତା ପାଇଁ ଗୃହ ବିଭାଗ ଦାୟିତ୍ୱରେ ଥିବ ଗୃହ ରାଷ୍ଟ୍ରମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ନୂଆପଡାର ୧ ଲକ୍ଷ ୭୩ ହଜାର ପାଇବେ ସ୍ମାର୍ଟ କାର୍ଡର ସୁବିଧା

ଭୁବନେଶ୍ୱର, ୦୮।୧୧ (ପି.ଏନ):ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନୂଆପଡା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ପ୍ରାୟ ୧.୭୩ ଲକ୍ଷ ଲୋକ ଏହି ସୁବିଧା ପାଇବେ। ନୂଆପଡା ସହିତ ରାଜ୍ୟର ୧୦ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆପଡାରେ ପ୍ରାୟ ୪୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ନୂଆପଡା ଓ କୋମନା ପାଇଁ ଦୁଇଟି ମେଗା ପାଇପ ପାଣି ଯୋଜନା ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଜିଲ୍ଲାର ୮୦ ପ୍ରତିଶତ ଲୋକ ଭଲ ପିଇବା ପାଣି ପାଇପାରିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଖରିଆର ବିଧାୟକଙ୍କ ଅନୁରୋଧରେ ଖରିଆରର ଇଭାନ୍‌ଜେଲିକାଲ ହସ୍‌ପିଟାଲକୁ ବିଏସକେୱାଇ ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ନୂଆପଡାର ଚାଷୀ ମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ନୂଆପଡା ନୂଆ ପରିଚୟ ନେଇ ଆଗକୁ ବଢୁଛି । ନୂଆପଡାର ଚାଷୀମାନେ ଆଜି ବିଭିନ୍ନ ପ୍ରକାର ଫସଲ କରିବା ସହିତ ଫସଲର ବିବିଧକରଣ, ଜୈବସାର ଓ କୀଟନାଶକ ଉପରେ ଗୁରୁତ୍ୱ ଦେଉଛନ୍ତି । ଚାଷୀ ମାନଙ୍କର ରୋଜଗାର ବଢିବା ସହିତ ଲାଭ ମଧ୍ୟ ହେଉଛି।

# ଆନ୍ଧ୍ର ପ୍ରଦେଶ ଏବଂ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ କାର୍ଯ୍ୟକ୍ରମ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

ଭୁବନେଶ୍ୱର,୦୮।୧୧(ପି.ଏନ): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ ଏସ୍ ଜଗନମୋହନ ରେଡ୍ଡୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ହେବାକୁ ଥିବା ଆଲୋଚନା ମାଧ୍ୟମରେ ଦୁଇ ରାଜ୍ୟ ମଧ୍ୟରେ ଥିବା ସୀମା, ଭାଷା ଓ ଜଳ ବିବାଦର ଆପୋଷ ସମାଧାନର ବାଟ ବାହାରିବ ବୋଲି ଟ୍ୱିଟ୍ କରି ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଲି। ଏହି ବୈଠକରେ ସୀମା, ଭାଷା ଓ ଜଳ ବିବାଦ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇପାରେ। ସେ ଦୃଷ୍ଟିରୁ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ। ଗତ ସେପ୍ଟେମ୍ବର ୨୨ରେ ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ସୀମା ବିବାଦ ଏବଂ ଗତ ଅକ୍ଟୋବର ୧ରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ପତ୍ର ଲେଖିଥଲେ। ପରବର୍ତୀ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସୀମା ବିବାଦ ବିଷୟରେ ଅବଗତ କରାଇଥିଲେ। ଗଣତନ୍ତ୍ରରେ ଆପୋଷ ବୁଝାମଣା ଏବଂ ଆଲୋଚନା ମାଧ୍ୟମରେ ଅନେକ ବିବାଦର ସମାଧାନ ହୋଇପାରିଛି। ଦୁଇ ରାଜ୍ୟ ମଧ୍ୟରେ ସର୍ବୋଚ୍ଚ ରାଜନୈତିକ ସ୍ତରରେ ହେଉଥିବା ଆଲୋଚନା ମାଧ୍ୟମରେ ସୀମା, ଭାଷା ଓ ଜଳ ବିବାଦର ଆପୋଷ ସମାଧାନର ବାଟ ବାହାରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ ତାରିଖରେ ଏବଂ ଓଡ଼ିଶା ସୀମାବର୍ତୀ ଜିଲ୍ଲା କୋରାପୁଟ ଏବଂ ଗଜପତିରେ ଗାଁକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆପୋଷ ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ଅନୁରୋଧ କରିଥିଲେ। ଓଡିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଧ୍ର ଏବଂ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଓ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରିବା ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ କିଛି ପ୍ରସ୍ତାବ ଦେଇଥିଲେ। ସେହିପରି ଅକ୍ଟୋବର ପହିଲାରେ ମଧ୍ୟ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନ୍ୟ ଏକ ପୃଥକ ପତ୍ର ଲେଖି ଆନ୍ଧ୍ରପ୍ରଦେଶର ସୀମାନ୍ତବର୍ତୀ ଗ୍ରାମ ଗୁଡ଼ିକରେ ଓଡିଆ ଭାଷାଭିତିକ ଶିକ୍ଷା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ବିଶେଷତଃ ଓଡ଼ିଶା, ଆନ୍ଧ୍ର ସୀମାରେ ଥିବା ଗାଁର ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରେ ବ୍ୟକ୍ତିଗତ ସ୍ତରରେ ହସ୍ତକ୍ଷେପ କରନ୍ତୁ ଏବଂ ତ୍ୱରିତ ପଦକ୍ଷେପ ନେଇ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ବୁଝାମଣା କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅନୁରୋଧ କରିଥିଲେ। ଏତଦବ୍ୟତିତ କେନ୍ଦ୍ରମନ୍ତ୍ରୀ ଅନେକ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଓଡ଼ିଶା ଓ ଆନ୍ଧ୍ର ସୀମା ବିବାଦର ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ ପଦକ୍ଷେପ ନେବା ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି।୨୦୧୮ ଏପ୍ରିଲ ୯ ତାରିଖରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୋରାପୁଟ ଜିଲ୍ଲା ଗସ୍ତରେ ଯାଇ କୋଟିଆ ଗ୍ରାମର ଲୋକମାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଥିଲେ। ସେତେବେଳେ ବି ମଧ୍ୟ ରାଜ୍ୟ ସରକାରଙ୍କୁ ଆପୋଷ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୁ଼ଦ୍ରଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି।



ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି। ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବି




ଭୁବନେଶ୍ୱର (ପିଏନ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଓ ଗିରଫ କରିବା ସହ ମାମଲାର ନିରପେକ୍ଷ ତଦ' ଦାବିରେ ଶନିବାର ଠାରୁ ରାଜଭବନ ଆଗରେ ଅହୋରାତ୍ର ଗଣଧାରଣା ଆରମ୍ଭ କରିଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ। ଗତକାଲି ପୂର୍ବାହ୍ନ ୧୧ଟାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରନ ଲେଙ୍କାଙ୍କ ନେତୃତ୍ୱରେ ବହୁ ବରିଷ୍ଠ କଂଗ୍ରେସ ନେତାଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଅହୋରାତ୍ର ଗଣଧାରଣା ଆରମ୍ଭ କରିଛନ୍ତି। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା କହିଛନ୍ତି ଯେ, ଭଉଣୀ ମମିତା ମେହରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହ ଏହି ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ଯେଉଁମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ରହିଛନ୍ତି, ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟ' ରାଜଭବନଠାରୁ ରାଷ୍ଟ୍ରପତି ଭବନ ଓ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟ' ଆନ୍ଦୋଳନ ବ୍ୟାପକ କରାଯିବ। ଯେହେତୁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜେ ଗୃହରାଷ୍ଟ୍ର ମନ୍ତ୍ରୀ ରହିଛନ୍ତି, ତେଣୁ ପୋଲିସ ଏହି ହତ୍ୟା ମାମଲାରେ ନିରପେକ୍ଷ ତଦ' କରିପାରୁନାହିଁ। ମୁଖ୍ୟଅଭିଯୁକ୍ତ ଗୋବିନ୍ଦ ସାହୁ ପ୍ରଥମେ ପୋଲିସ ହାତରୁ ଖସିଯାଇ ସମସ୍ତ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବା, ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଳମ୍ବ କରିବା, ମାମଲାର ଉପଯୁକ୍ତ ତଦ' ନ ହେବା, ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡରେ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ତଦ' ନ କରିବା ପୋଲିସର ଅସହାୟତାର ଜ୍ୱଳ' ଉଦାହରଣ। ଏହା ସତ୍ୱେ ମଧ ମା'କୁ ସମ୍ମାନର କଥା କହି ସ୍ୱଚ୍ଛ ଶାସନର ଡିଣ୍ଡିମ ପିଟୁଥିବା ନବୀନ ସରକାର ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରୁନାହାଁନ୍ତି। ଫଳରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଖୋଲାଖୋଲି ଭାବେ ତଦ' ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହତ୍ୟା ମାମଲାରେ ସମ୍ପୃକ୍ତ ଦୋଷୀମାନଙ୍କୁ ଘଂଟ ଘୋଡ଼ାଉଥିବା ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଅସୁରକ୍ଷିତ ହୋଇପଡ଼ିଲେଣି। ସେମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଦାବି କରୁଥିବା ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଉପସ୍ଥିତିରେ ବିଜେଡିର ମନ୍ତ୍ରୀଙ୍କ ଗୁଣ୍ଡାମାନେ ମରଣା'କ ଆକ୍ରମଣ କରୁଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟରେ ଆଇନ ଶୃଙ୍ଖଳା କିଭଳି ଚାଲିଛି ଓ ନବୀନ ସରକାର କିଭଳି ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁରକ୍ଷା ଦେଉଛନ୍ତି। ଯୁବ କଂଗ୍ରେସ ଏହାର ଘୋର ନିନ୍ଦା କରିବା ସହ ଆଜିଠାରୁ ଅହୋରାତ୍ର ଗଣଧାରଣା ଜାରି ରଖିବ। ଆସ'। ୮ ତାରିଖି ଦିନ ମହାମହିମ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବ। ଏ ଭିତରେ ଯଦି ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଆସ'। ୯ ତାରିଖରେ ଯୁବ କଂଗ୍ରେସ ଦିଲ୍ଲୀ ଚଲ୍ଲୋ ଡାକରା ଦେବ। ୧୦ ତାରିଖରେ ଦିଲ୍ଲୀସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ସ୍ମାରକପତ୍ର ପ୍ରଦାନ କରାଯିବ। ୧୧ ତାରିଖରେ ହଜାର ହଜାର ଯୁବ କଂଗ୍ରେସ କର୍ମୀ ଜ'ରମ'ରଠାରେ ଭଉଣୀ ମମିତା ମେହେରକୁ ନ୍ୟାୟ ପ୍ରଦାନ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବେ। ଏଥିସହ ମହାମହିମ ରାଷ୍ଟ୍ରପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ ବୋଲି ଡ.ଲେଙ୍କା ପ୍ରକାଶ କରିଛନ୍ତି। ଗତକାଲି ରାଜଭବନ ଆଗରେ ଗଣଧାରଣାର ପ୍ରଥମ ଦିନରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ଡ. ବିଶ୍ୱରଂଜନ ମହାଁ, ବରିଷ୍ଠ ନେତା ଶରତ ରାଉତ, ବିଧାୟକ ଇଂ. ମହମ୍ମଦ ମୋକିମ, ସୁରେଶ ରାଉତରାୟ, ଅଧିରାଜ ପାଣିଗ୍ରାହୀ, ପୂର୍ବତନ ସାଂସଦ ଅନ' ସେଠୀ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ସତ୍ୟାନନ୍ଦ ରାଉତ, ମହମ୍ମଦ ଅଲିମ, ରିତ ପାତ୍ର, ଆର୍ଯ୍ୟବୀର ଲେଙ୍କା, ସତ୍ୟପ୍ରିୟ ସାମଲ, ବିଶ୍ୱରନ ଦାସ, ବୀରେନ ଦଳାଇ, ଜ୍ଞାନଚନ୍ଦ୍ର ଦାସ, ପ୍ରଶା' ମଲ୍ଲିକ, ବିଜୟରାଜ ପାଣିଗ୍ରାହୀ, ଆଶୁତୋଷ ରାଉତ, ଜ୍ଞାନରନ ଦାସ, ବିକି ଚକ୍ରବର୍ତୀ, ଜ୍ଞାନେନ୍ଦ୍ର ମହାଁ, ସ୍ୱାଗତ କର, ପୃଥ୍ୱୀରାଜ ନାୟକ, ଅମ୍ରିତା ଦାସ ପ୍ରମୁଖ ସାମିଲ ହୋଇ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଏବଂ ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ତୀବ୍ର ସମାଲୋଚନା କରିଥିଲେ।

## ଶ୍ରାଦ୍ଧ ଦିବସରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଂଜଳି



ଭୁବନେଶ୍ୱର (ପିଏନ୍): ଓଡିଶା ସାହିତ୍ୟ ଏକାଡେମିର ପ୍ରଥମ ସଭାପତି, ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସଂସଦର ସାଧାରଣ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାସ ଓ ଉପ-ସଭାପତି ଶିତଳ ଚନ୍ଦ୍ର ମହାଁ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ବରିଷ୍ଠ ସଦସ୍ୟ ମହେଶ୍ୱର ବିଶ୍ୱାଳ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, କବି ନାରାୟଣ ମୁଦୁଲି ଓ ପ୍ରକାଶ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

## ବଙ୍ଗୋପସାଗରରୁ କଳିଙ୍ଗସାଗରକୁ ନାମ ପରିବର୍ତ୍ତନ ପାଇଁ ଉତ୍କଳ ସମ୍ମିଳନୀର କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର (ପିଏନ୍): ନିକଟରେ ପୁରୀର ନାମ ପରିବର୍ତ୍ତନ କଥା ଉଠିଛି ଓ ଏ ସମ୍ପର୍କରେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ସମ୍ମାନୀୟ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏହାର ଆବଶ୍ୟକତା ନାହିଁ ବୋଲି ମତ ଦେଇଛନ୍ତି । ଏହି ପ୍ରସଙ୍ଗ ଅପେକ୍ଷା ଓଡିଶାର ସୀମାକୁ ପ୍ରାୟ ୫୨୨ କିଲୋମିଟର ଲାଗିରହିଥିବା ସମୁଦ୍ରର ନାମ ପରିବର୍ତ୍ତନକୁ ଉତ୍କଳ ସମ୍ମିଳନୀ ଅଧିକ ଗୁରୁତ୍ୱ ମନେକରୁଛି । ଉତ୍କଳ ସମ୍ମିଳନୀ ସାଗରର ନାମ ବଙ୍ଗୋପସାଗରରୁ କଳିଙ୍ଗ ସାଗରକୁ ପରିବର୍ତ୍ତନ କରିବା ପାଇଁ ବହୁବାର ଦାବି କରିଛି । ସୂଚନାଯୋଗ୍ୟ ଯେ, ଆମ ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ୨୦୧୯ ମସିହା ଡିସେମ୍ବରରେ ବାଲିଯାତ୍ରାକୁ ଆମ ଦେଶର ଗୌରବ ବୋଲି ବିଦେଶ ମାଟିରେ ଦେଇଥିବା ଭାଷଣ ଛଳରେ କହିଥିଲେ । ଇତିହାସ କହେ ଏହି ସାଗରର ନାମ ପୂର୍ବରୁ କଳିଙ୍ଗ ସାଗର ଥିଲା ଓ ଓଡିଆମାନେ ଏହି ସାଗର ଦେଇ ସମୁଦ୍ର ପଥରେ ବାଣିଜ୍ୟ କରିବାକୁ ବିଦେଶ ଯାଉଥିଲେ । ଏଣୁ ଇତିହାସକୁ ମନେପକାଇଦେଇ ଓଡିଶା ମାଟିକୁ ଲାଗି ରହିଥିବା ସମୁଦ୍ରର ନାମ ବଙ୍ଗୋପସାଗର ବଦଳରେ କଳିଙ୍ଗ ସାଗର ନାମରେ ନାମିତ କରିବାକୁ ଉତ୍କଳ ସମ୍ମିଳନୀ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଅନୁରୋଧ କରିଛି ।

# ଓଡିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର (ପିଏନ୍):ଓଡିଶା କନିଷ୍ଠ ଶିକ୍ଷକ ସଂଘ ୨୦୧୬ ମସିହା ଠାରୁ ଆଜି ପର୍ଯ୍ୟନ୍ତ ଶିକ୍ଷକ ମାନଙ୍କର ବିଭିନ୍ନ ଦାବି ସରକାରଙ୍କ ପାଖରେ ଉପସ୍ଥାପନା କରି ଆସୁଛି । ହେଲେ ଦୁଃଖ ଓ ପରିତାପର ବିଷୟ ଇତି ମଧରେ ଦୀର୍ଘ ୫ବର୍ଷ ବିତିଯାଇଥିଲେ ମଧ ଏ ପର୍ଯ୍ୟ' ସରକାର କନିଷ୍ଠ ଶିକ୍ଷକ ମାନଙ୍କ ଦରମା ବୃଦ୍ଧି କରିନାହାଁନ୍ତି । ରାଜ୍ୟରେ ଦରଦାମ ହୁ ହୁ ହୋଇ ବଢୁଥିବା ବେଳେ ମାସିକ ୬୫୧୨ଟଙ୍କାରେ ଜଣେ ଶିକ୍ଷକ କିପରି ବଞ୍ଚିବ? ସରକାର ଶ୍ରମ ମନ୍ତ୍ରାଳୟ ପକ୍ଷରୁ ଜଣେ ଅଣକୁଶଳୀ ଶ୍ରମିକର ପାରିଶ୍ରମିକ ଦୈନିକ ୩୧୧ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଜଣେ ଶିକ୍ଷକଙ୍କୁ ଦୈନିକ ପାରିଶ୍ରମିକ ୨୧୭ଟଙ୍କା ଦେବା କେତେଦୂର ଯୁକ୍ତିଯୁକ୍ତ? ଯାହା ତାଲିମ୍‌ପ୍ରାପ୍ତ ଅତି କୁଶଳୀ ଶିକ୍ଷକ ମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ଅନେକ ସମୟରେ ପ୍ରଶଂସିତ ହେଉଥିବା ବେଳେ ସରକାରଙ୍କ ଶିକ୍ଷକ ମାନଙ୍କ ପ୍ରତି ପାତର ଅ'ର ନୀତିକୁ ସ୍ପଷ୍ଟ ବାରି ହେଉଛି । ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା ଶିକ୍ଷକମାନେ ଦେଶର ଭବିଷ୍ୟତ ତିଆରି କରୁଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାରେ ଜନସାଧାରଣଙ୍କୁ ସାହାଯ୍ୟ କରି ଆସୁଛନ୍ତି । ଦରମା ବୃଦ୍ଧିକୁ ନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ ସରକାର ବିଫଳ ହୋଇଛନ୍ତି । ଗତ ୧୧.୧୦.୨୦୨୧ରିଖ କ୍ୟାବିନେଟ୍ ବୈଠକରେ ରାଜ୍ୟ ସରକାର ଓଡିଶାରୁ କିଛି ଚୁକ୍ତିଭିତ୍ତିକ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଘୋଷଣା କରିଥିଲେ । କିନ୍ତୁ ଓଡିଶା ବର୍ଗ-ଗ (ଚୁକ୍ତିନାମା ନିୟମ-୨୦୧୩) ନିୟମ ଅନୁସାରେ ଆସୁଥିବା ସମସ୍ତଙ୍କ କ୍ଷେତ୍ରରେ ଲାଗୁ କରିଛନ୍ତି । ଯାହାକୁ ମାଧମିକ ବିଦ୍ୟାଳୟ ଶିକ୍ଷକ ଉପକୃତ ହୋଇଛନ୍ତି । କିନ୍ତୁ ୨୦୧୮ ମସିହାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ (ଶିକ୍ଷା ସହାୟକ)ରୁ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ କରିଥିଲେ । କିନ୍ତୁ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ କ୍ଷେତ୍ରରେ ଦିଆଯାଉଥିବା କୌଣସି ସୁବିଧା ସୁଯୋଗ ପାଉନାହାଁନ୍ତି । ଫଳରେ ଶିକ୍ଷକ ଗୋଷ୍ଠୀରେ ନୈରାଶ୍ୟର ଛାୟା ଖେଳି ଯାଇଛି । ନିଜର ନାର୍ଯ୍ୟଦାବୀ ପାଇବା ପାଇଁ ଶନିବାର ଦିନ କେନ୍ଦୁଝର କନିଷ୍ଠ ଶିକ୍ଷକ ସଂଘର ସଭାପତି ଆଶିଷ କୁମାର ନାୟକଙ୍କ ନେତୃତ୍ୱରେ ଆନନ୍ଦପୁର, ଘଷିପୁରା, ସାହାରପଡା, ପାଟଣା, ଚମ୍ପୁଆ, ତେଲକୋଇ, ଝୁମ୍ପୁରା, ହରିଚନ୍ଦନପୁର, ବାଂଶପାଳ ବ୍ଲକର କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ବ୍ଲକ ଶିକ୍ଷା ଅଧିକାରୀ ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଛନ୍ତି । ଦାବି ଗୁଡିକ ହେଲା ଓଡିଶା ବର୍ଗ-ଗ(ଚୁକ୍ତିନାମା ନାୟକ-୨୧୦୩) ଅଧିନସ୍ଥ କର୍ମଚାରୀଙ୍କ ପାଇଁ ଗତ ୧୧.୧୦.୨୦୨୧ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସମସ୍ତ ସୁବିଧା ସୁଯୋଗ, ଓଡିଶାର ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ମାନଙ୍କୁ ପ୍ରଦାନ କରିବା। ସହ ଚୁକ୍ତିନାମା ନିୟମ ୨୦୧୩ରେ ସାମିଲ କରାଯାଉ । କନିଷ୍ଠ ଶିକ୍ଷକ,ଶିକ୍ଷୟତ୍ରୀ ଅତିକୁଶଳୀ (ତାଲିମପ୍ରାପ୍ତ୦ ହୋଇଥିବାରୁ ଦରମା ସର୍ବନିମ୍ନ ୧୬ହଜାର କରିବା ସହ ଏହାକୁ ଗତ ୨୦୧୬ରୁ ଲାଗୁ କରାଯାଉ । ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ସଭାପତି ମାନଙ୍କ ସହ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଯୋଗ ଦେଇଥିଲେ । ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ନିଜର ଦାବି ସରକାରଙ୍କ ପାଖରେ ପହଂଚାଇବା ସହ ଦରମା ବୃଦ୍ଧି ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

## ରବିବାସରୀୟ ସାହିତ୍ୟ ଆସର ଓ କବିତା ପାଠୋତ୍ସବ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ରବିବାସରୀୟ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ସଭାପତି ଡଃ. ବାସୁଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, ଉପସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ରାମକୃଷ୍ଣ ଦାଶ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଆମ ଗାଁ ସାହିତ୍ୟ ପରିଷଦ ସମ୍ପାଦକ ସ୍ୱପ୍ନାଂଶୁ ଦାସ, କବି ତ୍ରିଲୋଚନ ଜେନା, ଅଧର ଚନ୍ଦ୍ର ଜେନା, ଅଜୟ ପାତ୍ର, ତୃପ୍ତିମୟୀ ଜେନା, ସମ୍ବାଦ ସାହିତ୍ୟ ଘର ସମ୍ପାଦକ ଆଦିକନ୍ଦ ରାଉଳ, ନର୍ମଦା ପ୍ରଧାନ, ସାମ୍ବାଦିକ ଆଶିଷ ସେନାପତି ପ୍ରମୁଖ ଯୋଗଦେଇ ଜଗତିକରଣରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ଅବଦୁଲ ରାଜେତ ଗୌସ୍ୱାମୀ ସାହିତ୍ୟରେ ମାନବିକତାର ଚିତ୍ରରେ ପରିପୂର୍ଣ୍ଣ । ଏଣୁ ସାହିତ୍ୟିକମାନେ ସମାଜର ପରିବର୍ତ୍ତନ ଓ ଜୀବନର ଉଚ୍ଚ ଆଦର୍ଶବୋଧର ବାର୍ତ୍ତା ବହନ କଲେ ସାହିତ୍ୟ ରଚନା କାଳଜୟୀ ହୋଇପାରିବ। ଏହି ଅବସରରେ କବି ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଉର୍ଦ୍ଧ୍ୱ କବି ଅଂଶଗ୍ରହଣ କରିଥିବା ବେଳେ କବି କାର୍ତ୍ତିକ ଚରଣ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ସ୍କାଉଟରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ଦାସଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

# ବାଂଶପାଳଠାରେ ଜାତୀୟ ସତର୍କତା ଦିବସ ପାଳିତ

କେନ୍ଦୁଝର (ପିଏନ୍): ବାଂଶପାଳ ଉପ-ଡାକପାଳ ତଥା ଅଖିଳ ଭାରତ ଡାକ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଗଠନର ଓଡିଶା ଶାଖାର ସର୍କଲ ସମ୍ପାଦକ ଗିରିଶ ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜାତୀୟ ସତର୍କତା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ବାଂଶପାଳ ବ୍ଲକର ସଭାଗୃହରେ ବାଂଶପାଳ ବ୍ଲକର ତହସିଲଦାର ମୁଖ୍ୟଅତିଥି, କୃଷି ବିଭାଗ ଅଧିକାରୀ ମୁଖ୍ୟବକ୍ତା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ଚି'ାମଣି ପାଗଳ, ଶ୍ରମ ଅଧିକାରୀ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀମାନେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଂଚଳିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷ୍ୟୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହ ବାଂଶପାଳ ଉପ-ଡାକଘରର ସମସ୍ତ କର୍ମଚାରୀ ଏହି ସଚେତନତା ଶିବିରରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥିମାନେ ତାଙ୍କ ବକ୍ତବ୍ୟରେ ତୃଣମୂଳ ସ୍ତରରୁ ଜାତୀୟସ୍ତର ପର୍ଯ୍ୟ' ପ୍ରାୟ ଅଧିକାଂଶ କ୍ଷେତ୍ରରେ ହେଉଥିବା ଦୁର୍ନୀତି ସମ୍ବନ୍ଧରେ ଆଲୋକପାତ କରିଥିଲେ । ଦୁର୍ନୀତି ନ ହଟିଲେ ଦେଶର ଆର୍ଥିକ ସ୍ଥିତି ଘୋର ସଙ୍କଟାପନ୍ନ ହେବ ବୋଲି କହିଥିଲେ । ଏଣୁ ସମସ୍ତ ଉପସ୍ଥିତ ବୁଦ୍ଧିଜୀବୀମାନେ ସମାଜରୁ ଦୁର୍ନୀତି ହଟାଇବା ପାଇଁ ସଙ୍କଳ୍ପବଧ ହୁଅନ୍ତି ବୋଲି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଇପିବି ମ୍ୟାନେଜର ଶ୍ରୀଯୁକ୍ତ ପାଗଳ ନିଜର ବକ୍ତବ୍ୟ ରଖି କହିଥିଲେ ଯେ ଡାକ ବିଭାଗରେ ତୁଳନାତ୍ମକ ଭାବେ ଦୁର୍ନୀତି ବିଶେଷ ପରିଲକ୍ଷିତ ହୁଏନାହିଁ । ଡାକ ବିଭାଗ ଆଜି ପର୍ଯ୍ୟ' ନିଜର ପ୍ରତିଷ୍ଠା ସମ୍ମାନ ଅକ୍ଷୁର୍ଣ୍ଣ ରଖିଛି । ତଥାପି କେତେକ ମୁଷ୍ଟିମେୟ କର୍ମଚାରୀଙ୍କ ପାଇଁ ବିଭାଗ ସ୍ଥଳ ବିଶେଷରେ ଲଜ୍ଜିତ ହୋଇଛି । ଏଣୁ ଦୁର୍ନୀତିକୁ ମୁଳଉତ୍ପାଟନ କରିବାକୁ ହେଲେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଶାସନ ଓ ପ୍ରଶାସନର ଶୀର୍ଷ ସ୍ଥାନରେ ଆ'ରିକ ଉଦ୍ୟମ ଲୋଡା । ବାଂଶପାଳ ପରି ଏକ ଆଦିବାସୀ ବହୁଳ ଅଂଚଳରେ ଏହି ସଚେତନତା ଶିବିର ଆୟୋଜନ କରିଥିବାରୁ ଆୟୋଜକ ଶ୍ରୀ ନାଏକଙ୍କୁ ଧନ୍ୟବାଦ ସହ ସାଧୁବାଦ ଜଣାଇଥିଲେ । ଆୟୋଜକ ଶ୍ରୀ ନାଏକ ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ଶ୍ରୀ ନାଏକ ସଭାଟିକୁ ସର୍ବାଙ୍ଗ ସୁନ୍ଦର ଓ ସାଫଲ୍ୟ ମଣ୍ଡିତ କରିଥିବା ହେତୁ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ମମିତା ମେହେର ହତ୍ୟାକାଣ୍ଡ ପ୍ରତିବାଦରେ ବିଜେପି ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ



କେନ୍ଦ୍ରାପଡ଼ା (ପିଏନ୍): କଳାହାଣ୍ଡି ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ସଂପୃକ୍ତ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର, ଗିରଫ ଓ ସିବିଆଇ ତଦନ୍ତ ଦାବିରେ ଜିଲ୍ଲା ବିଜେପି ପକ୍ଷରୁ କେନ୍ଦ୍ରାପଡାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଜେପି ପକ୍ଷରୁ ତିନିମୁହାଣି ଛକ ଓ ଦୁହୁରିଆଠାରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତାରୋକ କରାଯାଇଥିଲା। ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ବୈଦ୍ୟନାଥ ଚାଟାର୍ଜୀ, ନୃସିଂହ ପତ୍ରୀ, ସୁନାକର ବେହେରା, ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପିନ ରାଉତ, ଡଃ. କଳ୍ପନା ମଲ୍ଲିକ, ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ମହମ୍ମଦ ସଲିମ ଖାନ, ନେହେରୁ ସାହୁ, ଅଭିମନ୍ୟୁ ଗୋଛାୟତ, ସରୋଜକାନ୍ତ ନାୟକ, ଦିଲ୍ଲିପ ଦାଶ, ସନ୍ଦିପନୀ ଆର୍ଯ୍ୟକୁମାର, ନାରଦ ଚନ୍ଦ୍ର ବିଶ୍ୱାଳ,ସନ୍ତୋଷ କୁମାର ଜେନା, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ସତ୍ୟପ୍ରକାଶ ସାମଲ, ବିକ୍ରମ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ମମିତା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ସରକାରୀ ବ୍ୟବସ୍ଥା




ଭୁବନେଶ୍ୱର (ପିଏନ୍)- ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ଦୁଷ୍କର୍ମ ଏବଂ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଆଇନର ଫାଙ୍କ ଦେଇ ଖସାଇବା ପାଇଁ ଗୃହରାଷ୍ଟ୍ରମନ୍ତ୍ରୀ ଏବଂ ବରିଷ୍ଠ ପୋଲିସ୍ ଅଫିସରଙ୍କ ସଲାସୁତରାରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିବା ସହିତ ଘଟଣା ଘଟିବାର ପ୍ରଥମ ଦିନରୁହିଁ ପୋଲିସ ନିଷ୍କ୍ରିୟତା ଜଳ ଜଳ ହୋଇ ଦେଖାଯାଉଛି ବୋଲି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଶ୍ରୀ ନିଶିକା' ମିଶ୍ର ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଶିକ୍ଷୟିତ୍ରୀ ମମିତା ନିଖୋଜ ହେବା ପରଠାରୁ ପୋଲିସ୍ ପୀଡ଼ିତାଙ୍କ ପରିବାରର ନିଖୋଜ ସୂଚନା ଆଧାରରେ କେ ନୂଆଗାଁ ଏବଂ ସିନ୍ଧେକାଲା ପୋଲିସ୍ ଯେଭଳି ପଦକ୍ଷେପ ନେବା କଥା ତାହା ନେଇନଥିବା ସ୍ଥଳେ ଏତଲା ଦାୟର ସମୟରେ ପୋଲିସ ସର୍କୁଲାର ଅର୍ଡର ୩୪୩/୨୦୧୩କୁ ଖୋଲାଖୋଲି ଭାବରେ ଉଲ୍ଲଙ୍ଘନ କରାଯାଇଛି । ମହିଳାଙ୍କ ବିରୋଧରେ ହେଉଥିବା ଅଭିଯୋଗ ସଂପୃକ୍ତ ମହିଳା କିମ୍ବା ତାଙ୍କ ପରିବାର ରାଜ୍ୟର ଯେକୌଣସି ଥାନାରେ ଅଭିଯୋଗ କରିପାରିବେ ଏବଂ ସଂପୃକ୍ତ ଥାନାଅଧିକାରୀ ଉକ୍ତ ଏତଲାକୁ ପଂଜିକରଣ କରିବା ସହିତ ଯେଉଁ ଥାନା ଅଂଚଳରେ ଘଟଣା ଘଟିଛି ସେହି ଥାନାକୁ ସ୍ଥାନାନ୍ତର କରିବେ । ଏହି ଘଟଣାରେ ସଂପୃକ୍ତ ଦୁଇଥାନା ଏହି ପରିବାରର ମୌଖିକ ସୂଚନାକୁ ଆମ ଥାନା ଅଂଚଳର ନୁହେଁ କହି ଏଡ଼ାଇ ଦେଇଥିଲେ । ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ୧୩ ତାରିଖରେ ଏଫଆଇଆର ପଂଜିକରଣ ପରେ ୧୪ ତାରିଖରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ପୋଲିସ୍ ଅଟକ ରଖିଥିଲା । ଲିଡିଂ ଟୁ ଡିସ୍କଭରି କୁ ଆଉଏଡ କରିବା ଅର୍ଥାତ ଅପରାଧିକୁ ଆଇନର ଫାଙ୍କ ଦେଇ ଖସିବା ପାଇଁ ସୁଯୋଗଦେବା ଅର୍ଥାତ ଅପରାଧିକୁ ଖସାଇବା ପାଇଁ ସରକାରୀ ବ୍ୟବସ୍ଥା କରି ପୋଲିସ ୧୭ ତାରିଖରେ ଗୋବିନ୍ଦ ଖସିଯିବାର ନାଟକ ରଚିଥିଲା ଏବଂ ୧୯ ତାରିଖରେ ମମିତାଙ୍କ ମୃତଦେହ ମିଳିବାପରେ ପୁଣିଥରେ ପୋଲିସ୍ ଗୋବିନ୍ଦ ସାହୁଙ୍କୁ ଆରେଷ୍ଟ କରିଥିଲା । ଏହି ସମସ୍ତ ଘଟଣା ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ, ରାଜ୍ୟ ପୋଲିସ୍ ମୁଖ୍ୟ ଏବଂ ଡିଆଇଜି (ତଦନ୍ତକାରୀ ଅଫିସର) ଏବଂ ଦୁଇ ଜିଲ୍ଲାର ଏସ୍‌ପି ଅପରାଧି ମୁହଁରେ ଯେଭଳି ଗୃହମନ୍ତ୍ରୀଙ୍କ ସଂପୃକ୍ତିର ବୟାନ ନଆସେ ସେଥିପାଇଁ ଏଭଳି ଖସେଇବାର ନାଟକ କରିଛନ୍ତି ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିବା ସହିତ ତଦନ୍ତର ସ୍ୱଚ୍ଛତା ପାଇଁ ଗୃହରାଷ୍ଟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜ ପଦରୁ ଇସ୍ତଫା ଦିଅନ୍ତୁ ନଚେତ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ସାମନାକୁ ଆସି ତାଙ୍କ କ୍ୟାବିନେଟ ସହଯୋଗୀ ମନ୍ତ୍ରୀ ଦିବ୍ୟଶଙ୍କରୁ ବହିଷ୍କାର କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଶୁଭ୍ରଶ୍ରୀ ପଣ୍ଡା, ରଶ୍ମି ମହାପାତ୍ର ଉପସ୍ଥିତ ଥିଲେ ।

## ନିମ୍ନମାନର ରାସ୍ତା କାମକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଆନନ୍ଦପୁର (ପିଏନ୍): ଆନନ୍ଦପୁର, ହାଟଡିହି ବ୍ଲକ ଅଧିନସ୍ଥ ବିଦ୍ୟାଧରପୁର ଠାରୁ ଶାଳଣିଆଁ କେନାଲ ରାସ୍ତାର ନିମ୍ନମାନର କାର୍ଯ୍ୟ ହୋଇଥିବା ଜଣାପଡିଛି । ଜଳସମ୍ପଦ ବିଭାଗ ତରଫରୁ କରାଯାଇଥିବା ଏହି ରାସ୍ତା କାର୍ଯ୍ୟ ଜନୈକ ଠିକାଦାରଙ୍କ ନାମରେ ଥିବାବେଳେ ଏହାକୁ ଅନ୍ୟ ଜଣେ ପେଟି କଂଟ୍ରାକ୍ଟରଙ୍କ ଦ୍ୱାରା କରୁଥିବା ଜଣାପଡିଛି । କାର୍ଯ୍ୟସ୍ଥଳିକୁ ଜଳସମ୍ପଦ ବିଭାଗର କୌଣସି ଯନ୍ତ୍ରୀ ତଦାରଖ ପାଇଁ ଯାଉନଥିବା ବେଳେ ପେଟି କଂଟ୍ରାକ୍ଟର ଜଣକ ମନଇଚ୍ଛା କାମ କରୁଥିବା ଅଭିଯୋହ ହେଉଥିବା ବେଳେ ରାସ୍ତାଟିରେ ରାତାରାତି ମୋରମ ପକାଇ ମେସିନ୍ ଲଗାଇ ଖେଳାଇ ଦିଆଯାଉଥଇବା ବେଳେ ରାସ୍ତାରେ କୌଣସି ମରାମତି କରାଯାଇନଥିବା ଅଭିଯୋଗ ହୋଇଛି । ମୋରମ ଖୋଳିବା ପାଇଁ ସରକାରଙ୍କ କୌଣସି ଅନୁମତି ନଥିବା ବେଳେ ଠିକାଦାର ଜଣକ କିପରି ଓ କେଉଁଠୁ ମୋରମ ଆଣିଲେ ତାହା ତଦ' ସାପେକ୍ଷ । ଏହାର ଉପଯୁକ୍ତ ତଦ' ଦାବିକରି ଗ୍ରାମବାସୀଙ୍କ ପକ୍ଷରୁ ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିତା ବିଜୟନୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ପାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟକୁ ତଦାରଖ କରିବା ସହ ଠିକ୍ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଅନୁପସ୍ଥିତ ରହିବା ସାଧାରଣରେ ଚର୍ଚ୍ଚା ହେଉଛି ।

## 'ନିରବତାର ସେପାରିକୁ' କବିତା ସଙ୍କଳନ ଲୋକାର୍ପିତ




କେନ୍ଦ୍ରାପଡ଼ା (ପିଏନ୍) : କବୟିତ୍ରୀ ରଶ୍ମିତା ଜେନାଙ୍କ ରଚିତ କବିତା ସଙ୍କଳନ "ନିରବତାର ସେପାରିକୁ" ଏକ ବର୍ଣ୍ଣାଢ୍ୟ ସମାରୋହରେ ଉନ୍ମୋଚିତ ହୋଇଯାଇଛି । କୋରୋର ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଅନୁଷ୍ଠିତ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ବିଶିଷ୍ଟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମୁଖ୍ୟବକ୍ତା ଭାବେ ଓଡିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଯୁଧିଷ୍ଠିର ଖଟୁଆ, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ପ୍ରମୁଖ ଯୋଗଦେଇ ଶାନ୍ତିସେନା ପବ୍ଲିକେଶନ, ଜଗତସିଂହପୁର ଦ୍ୱାରା ପ୍ରକାଶିତ ଏବଂ କବୟିତ୍ରୀ ରଶ୍ମିତା ଜେନାଙ୍କ ରଚିତ କବିତା ସଙ୍କଳନ "ନିରବତାର ସେପାରିକୁ" ଲୋକାର୍ପଣ କରିଥିଲେ । ଏହି ସଙ୍କଳନଟି ଭିନ୍ନ ସ୍ୱାଦର ଏକ ଚମତ୍କାର କାବ୍ୟ ସ୍ୱର ଯେଉଁଥିରେ ପ୍ରତିଟି କବିତାର ଅନ୍ତଃସ୍ୱର ସ୍ୱତନ୍ତ୍ର ମହିମାରେ ମହିମାନ୍ୱିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଡଃ. ଶ୍ରୀଧର ସାମଲ, ନଳିନୀ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ, କବି ଓ ଲେଖକମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କେନ୍ଦୁଝର (ପିଏନ୍):ସରକାରଙ୍କ ନିର୍ଦ୍ଦେଶ କ୍ରମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ତା-୩୧.୧୦.୨୦୨୧ରିଖ ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମା ଠାରେ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟର ମିନି କନ୍‌ଫରେନ୍ସ ହଲ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଆଶିଷ ଠାକରେ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଦେଶର ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ଏବଂ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଯୋଗଦାନ ରଖିବାକୁ ଶପଥ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ସଂଜୀବ ବାରିକ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ଭାବେ ଦାୟୀତ୍ୱ ନିର୍ବାହ କରିଥିଲେ ।

## ମହିଳା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କେନ୍ଦୁଝର (ପିଏନ୍): ଦେଶର ପୂର୍ବତନ ମହିଳା ପ୍ରଧାନମନ୍ତ୍ରୀ, ଲୌହମାନବ ତଥା ଭାରତ ରତ୍ନ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ କେନ୍ଦୁଝର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ୬ନଂ ୱାର୍ଡରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଏବଂ ନାରୀ ସଶକ୍ତିକରଣ ବିଷୟରେ ସ୍ମୃତିଚାରଣ କରାଯାଇଥିଲା । ଏଥିରେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଅତିଥି ଭାବେ ଯୋଗ ଦେଇଥିଲେ । ମହିଳା କଂଗ୍ରେସ ନେତ୍ରୀ ବ୍ରାହ୍ମଣୀ ପାତ୍ର, ମାଳତୀ ଦାସ, ବାସନ୍ତୀ ପାତ୍ର, ରଂଜିତା ନାଏକ, ଝୁନୁ ବେହେରା, ଶିବାନୀ ପାତ୍ର, ଶାଳିନୀ ପାତ୍ର, ତପସ୍ୱିନୀ ନାଏକ ଏବଂ ଭାମାମଣି ପାତ୍ର ପ୍ରମୁଖ ଶ୍ରଦ୍ଧାଂଜଳୀ ସଭାକୁ ପରିଚାଳନା କରିଥିଲେ ।

## କମଳ ଭବନରେ କୃଷକ ଦରବାର ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): ସ୍ଥାନୀୟ ଗୋପସ୍ଥିତ କମଳ ଭବନରେ କୃଷକମାନଙ୍କ ସମସ୍ୟାକୁ ନେଇ ଏକ କୃଷକ ଦରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନମୋହନ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ବିଜେପି ଉପସଭାପତି ଗଗନବିହାରୀ ସାହୁ, ପବିତ୍ର ପରିଡା, ସୁଧିର ପରିଡା, କାନନବାଳା ଦାସ, ବିଭୁତି ଭୂଷଣ କର, କରୁଣାକର ସାହୁ, ଭୁବନ ମୋହନ ସିଂ, ରମେଶ ଲେଙ୍କା, ଅମୃତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ କେନ୍ଦ୍ରାପଡାରେ କୃଷକମାନଙ୍କ ସମସ୍ୟା ଯଥା କୃଷିଜାତ ଦ୍ରବ୍ୟର ଏମ.ଏସ.ପି. ଠିକ ଭାବରେ ମିଳୁନଥିବା, କେନ୍ଦ୍ରାପଡା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବାରୁ ପ୍ରାୟ ୭୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଉପଯୁକ୍ତ ସାର, ଔଷଧର କଳାବଜାରୀ ରୋକିବା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ନଗେନ ବିହାରୀ ବେହେରାଙ୍କୁ ମଣ୍ଡିଚାଲ ଅଭିଯାନରେ ଜିଲ୍ଲା ପ୍ରଭାରୀ ଭାବରେ ନିଯୁକ୍ତି ପ୍ରାପ୍ତ ହେଲେ ବୋଲି ଘୋଷଣା କରାଯାଇଥିଲା। ସମସ୍ତ ପଞ୍ଚାୟତର ଜଣେ ଜଣେ କାର୍ଯ୍ୟକର୍ତ୍ତାଙ୍କୁ ମନୋନିତ କରାଯାଇ ଆଗାମୀ ଖରିଫ ଧାନ ଅମଳ ସମୟରେ କିପରି କୃଷକମାନେ ସଠିକ ଭାବେ ନିଜ ନିଜର ଧାନ ମଣ୍ଡିରେ ଦେଇପାରିବେ ସେ ସମ୍ପର୍କରେ ବିଶେଷ ଭାବରେ ଧ୍ୟାନ ଦିଆଯିବାକୁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଶତାଧିକ କୃଷକ ଅଂଶଗ୍ରହଣ କରିଥିଲେ।




# ବିଶ୍ରା ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ

ରାଉରକେଲା (ପିଏନ୍): ବିଶ୍ରା ବ୍ଲକ୍ କଂଗ୍ରେସ ତରଫରୁ ଗତ ୨୯ ତାରିଖରେ ଏକ କର୍ମୀ ସମ୍ମିଳନୀ ଜରେଇକେଲା ପଞ୍ଚାୟତର ଟୁସୁ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କଂଗ୍ରେସ ସଭାପତି ସୁଜିତ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀର ଆରମ୍ଭରେ ବିଶ୍ରା ବ୍ଲକ୍‌ରେ ବିଗତ ଦିନରେ କରୋନା ଓ ଅନ୍ୟାନ୍ୟ କାରଣରୁ ପ୍ରାଣ ହରାଇଥିବା କଂଗ୍ରେସ କର୍ମୀମାନଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମ୍ମିଳନୀରେ ବୀରମିତ୍ରପୁରର ପ୍ରାକ୍ତନ ବିଧାୟକ ତଥା ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେଡିର ୨୧ ବର୍ଷର କୁଶାସନ ଏବଂ ବିଜେପିର ୭ ବର୍ଷର ଶାସନରେ ଯେଉଁସବୁ ଜନବିରୋଧୀ ନିଷ୍ପତ୍ତି ଓ କାର୍ଯ୍ୟକ୍ରମ କରାଯାଇଛି ତା ଉପରେ ବିଶଦ୍ ଆଲୋଚନା କରିଥିଲେ। ଉଭୟ ବିଜେଡି ଓ ବିଜେପିକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ଶ୍ରୀ ତିର୍କୀ ଅଭିହିତ କରି ଉଭୟ ଦଳ ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ବିରୋଧି କାର୍ଯ୍ୟରେ ମାତିଛନ୍ତି ବୋଲି ଅଭିଯୋଗ କରି କେବଳ କଂଗ୍ରେସ ଦଳ ହିଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ସ୍ୱାର୍ଥ ଓ ବିକାଶର ଚିନ୍ତା କରିଥାଏ ବୋଲି କହିଥିଲେ। ତେଣୁ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଶ୍ରା ବ୍ଲକ୍‌ବାସୀ ପ୍ରତାରକ ବିଜେଡି ଓ ବିଜେପିକୁ ଉଚିତ୍ ଜବାବ ଦେଇ କଂଗ୍ରେସ କର୍ମୀମାନଙ୍କୁ ବିଜୟୀ କରାଇବେ ତାର ଦାୟିତ୍ୱ ପଞ୍ଚାୟତର ଆଗୁଆ କର୍ମୀମାନେ ଆଜିଠାରୁ ନେବା ପାଇଁ ପରାମର୍ଶ ଦେଇଥିଲେ। ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ଏହି ଅବସରରେ ଉପସ୍ଥିତ ରହି କଂଗ୍ରେସ କର୍ମୀମାନଙ୍କୁ ସମ୍ବୋଧିତ କରି କିପରି ବିଜେଡି ସରକାର ସମ୍ପ୍ରତି ସ୍ମାର୍ଟସ୍ୱାସ୍ଥ୍ୟ କାର୍ଡ ନାମରେ ଲୋକଙ୍କୁ ଠକିବାର ପ୍ରୟାସ ଆରମ୍ଭ କରିଛି ସେ ସମ୍ପର୍କରେ ବିଶଦ୍ ଭାବେ ଅବତାରଣା କରି ରାଜ୍ୟ ସରକାରୀ ହସ୍‌ପିଟାଲରେ କାହିଁକି ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବା ଏବଂ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଗତ ୩ ବର୍ଷ ତଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟରେ ଆରମ୍ଭ ହୋଇଥିବା ବେଳେ ଏହି ଯୋଜନାରେ ବିଶ୍ରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ କେତେ ଲେଖାଏଁ ଲୋକ ଉପକୃତ ହୋଇଛନ୍ତି ତାହା ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କ ଠାରୁ ଶ୍ରୀ ସେନାପତି ଜାଣିବାକୁ ଚାହିଁଥିଲେ। ତେଣୁ ଏହି ସ୍ମାର୍ଟକାର୍ଡ ବଣ୍ଟନ କେବଳ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ଭୋଟ ହାତେଇବା ପାଇଁ ଏକ ଉଦ୍ୟମ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଏଥିପାଇଁ କଂଗ୍ରେସ କର୍ମୀମାନେ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ। ବୀରମିତ୍ରପୁରର କଂଗ୍ରେସ ପ୍ରାର୍ଥୀ ରୋହିତ ଯୋଶେଫ ତିର୍କୀ ଏହି ଅବସରରେ ବକ୍ତବ୍ୟ ରଖି କଂଗ୍ରେସ ସରକାର ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାଏ ବୋଲି ପ୍ରକାଶ କରି ପୋକ୍ସୋ ଆଇନ୍, ଜଙ୍ଗଲ ଅଧିକାର ଆଇନ୍, ଜମି ଅଧିଗ୍ରହଣ ଆଇନ୍, ଖାଦ୍ୟ ସୁରକ୍ଷା ଆଇନ୍ ସବୁ କଂଗ୍ରେସର ଅବଦାନ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କପଟମୁଣ୍ଡା ପଞ୍ଚାୟତର ନେତା ଜବା କେର୍କେଟା, ଉସରୁ ସରପଞ୍ଚ ଆନନ୍ଦ ଏକ୍କା, ପୂର୍ବତନ ସରପଞ୍ଚ ଶିବାନୀ ଏକ୍କା, ରାଉରକେଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଯୁବକଂଗ୍ରେସ ନେତା ଦିଲ୍ଲୀପ ଲାହିରି, ୟାକୁବ ଖାନ, କୁଆଁରମୁଣ୍ଡା ବ୍ଲକ୍ ସଭାପତି ଜୟଶଙ୍କର ନନ୍ଦ, ରାଉରକେଲା କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ସମ୍ପାଦକ ରବୀନ୍ଦ୍ର ନାୟକ, ସୁନୀତା ଲାକ୍ରା, ଜିଲ୍ଲା କୃଷକ କଂଗ୍ରେସ ସଭାପତି ଚକ୍ରଧର ମାହାତୋ ପ୍ରମୁଖ ବକ୍ତବ୍ୟ ରଖି ସଂଗ୍ରାମୀ ନେତା ଜର୍ଜ ତିର୍କୀଙ୍କ ପାଇଁ ବିଶ୍ରା ସମେତ ସୁନ୍ଦରଗଡ ଜିଲ୍ଲାରେ ଆଦିବାସୀଙ୍କ ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ତାଙ୍କ ହାତମୁଠାକୁ ଟାଣ ନ କଲେ ଆଦିବାସୀ, ଦଳିତ, ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ବହୁମୂଲ୍ୟ ଦେବାକୁ ପଡିବ ବୋଲି କହିଥିଲେ। ସୁନ୍ଦରଗଡ ଜିଲ୍ଲାର ଏକମାତ୍ର ଲଢୁଆ ଆଦିବାସୀ ନେତା ଜର୍ଜ ତିର୍କୀ ସବୁ ଶ୍ରେଣୀର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଛନ୍ତି ବୋଲି ନେତୃବୃନ୍ଦ ପ୍ରକାଶ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ ତାଙ୍କ ନେତୃତ୍ୱରେ ବ୍ଲକ୍‌ର ସମସ୍ତ ପଞ୍ଚାୟତ ଓ ଜିଲ୍ଲା ପରିଷଦ ଜୋନରେ କଂଗ୍ରେସର ବିଜୟବାନା ଉଡାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶ୍ରା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୫୨ ଜଣ କର୍ମୀ ବିଜେଡି ଓ ଜେଏମ୍ଏମ୍ ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ଶ୍ରୀ ତିର୍କୀ ସମସ୍ତଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଶେଷରେ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଜାନକୀ ତିର୍କୀ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସ୍ତରୀୟ କର୍ମୀ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଯୋଗ ଦେଇଥିଲେ।

## ସଂସ୍କୃତ ଶିକ୍ଷକଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ବର୍ଜୁନଗରରେ ରହୁଥିବା ମଧୁପୁର ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୋକୁଳାନନ୍ଦ ମିଶ୍ର(୮୩)ଙ୍କର ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରସୁଲପୁର ବ୍ଲକ ଆଦମପୁର ଗ୍ରାମର ମୂଳବାସିନ୍ଦା ସ୍ୱର୍ଗତଃ ମିଶ୍ର ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଥିଲେ। ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ଧର୍ମଶାଳା ବଜାର ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଏକମାତ୍ର ପୁଅ ପୂର୍ଣ୍ଣେନ୍ଦୁ ମୁଖାଗ୍ନି ଦେଇଥିଲେ। ପଣ୍ଡିତ ମିଶ୍ରଙ୍କ ବିୟୋଗରେ ଧର୍ମଶାଳା ଓ ରସୁଲପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବଡ଼ଚଣା ଆଂଚଳିକ ଜନଚେତନା ସାମାଜିକ ସ୍ୱେଚ୍ଛାସେବୀ ପରିଷଦର ବୈଠକ

ଚଣ୍ଡିଖୋଲ (ପିଏନ)-ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମାଳିକାବର୍ଣ୍ଣିତ ବେଦିହୁଡ଼ା ପୀଠ ଠାରେ ବଡ଼ଚଣା ଆଂଚଳିକ ଜନଚେତନା ପରିଷଦର ୧୮୬ତମ ବୈଠକ ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଅଂଚଳର ଶିକ୍ଷା, ଧର୍ମ ଚେତନା ଆର୍ଥିକ ସହାୟତା କରିଥିବା ବ୍ୟକ୍ତିମାନଙ୍କୁ ଉକ୍ତ ବୈଠକରେ ସମ୍ମାନିତ କରିବା ତଥା ସମ୍ବର୍ଦ୍ଧିତ କିରବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଆସନ୍ତା ୨୦୨୨ ନୂତନ ବର୍ଷ ତା୧.୧. ୨୦୨୧ରିଖରେ ଏହି ପ୍ରସ୍ତୁତି ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନାରେ ୧୧ଜଣିଆ କମିଟି ଗଠନ କରାଯାଇଅଛି। ସେଥିମଧ୍ୟରୁ ସଫ୍ଟୱେୟାର ଇଂଜିନିୟର ସୁମନ୍ତ କୁମାର ବେହେରା, ପ୍ରଦୀପ୍ତ କୁମାର ପ୍ରଧାନ, ଡ଼ାକ୍ତର ଅଜୟ ଲେଙ୍କା, ଅଧ୍ୟାପକ ବ୍ରଜକିଶୋର ସ୍ୱାଇଁ, ଇଂ ସଂଜୟ କୁମାର ସାହାଣୀ, କାର୍ତ୍ତିକଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଶିବରାମ ସାହୁ, ଇଂ ଭବାନୀ ପ୍ରସାଦ ବାରିକ, ଇଂ ଅମ୍ବିକା ପ୍ରସାଦ ବାରିକ, ଅକ୍ଷୟ କୁମାର ସିଂହ, କାଶିନାଥ ସ୍ୱାଇଁ, ଅନନ୍ତ ଚରଣ ରାଉତ, ନୀଳମଣି ଦାସ, ନୀଳକଣ୍ଠ ମିଶ୍ର, ସୁରେଶ ଚନ୍ଦ୍ର ବରାଳ, ଚିତରଞ୍ଜନ ସ୍ୱାଇଁ, ପୂର୍ଣ୍ଣାନନ୍ଦ ସେଠୀ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇଥିଲେ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କ ସମତେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ବିଭିନ୍ନ ସୂଚନା ଦେବା ସହିତ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ୧-୧-୨୦୨୨ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତି କରି ଯେଉଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା-୨୦୨୨ ଆରମ୍ଭ ହୋଇଛି ତାହାକୁ ସଫଳ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ୧.୧୧.୨୦୨୧ରିଖ ଦିନ ବୁଥ ସ୍ତରରେ ଭୋଟର ତାଲିକାର ଡ୍ରାଫ୍ଟ ପ୍ରକାଶ ପାଇବାକୁ ଥିବାବେଳେ ୧-୧୧-୨୦୨୧ରିଖରୁ ୩୦-୧୧-୨୦୨୧ରିଖ ପର୍ଯ୍ୟନ୍ତ ଭୋଟରଙ୍କ ଠାରୁ ବିଭିନ୍ନ ଦାବି ଏବଂ ଆପତି ସଂକ୍ରାନ୍ତୀୟ ଆବେଦନ ଗ୍ରହଣ କରାଯିବ। ନଭେମ୍ବର ୭ ଏବଂ ୨୧ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ବୁଥରେ ରାଜନୈତିକ ଦଳର ଏଜେଂଟମାନେ ରହି ବୁଥସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଥିଲେ। ୨୦.୧୨.୨୦୨୧ରିଖ ସୁଦ୍ଧା ସମସ୍ତ ଦାବି ଏବଂ ଅଭିଯୋଗର ଫଇସଲା କରାଯିବା ସହିତ ୫.୧.୨୦୨୨ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସମସ୍ତ ରାଜନୈତିକ ଦଳକୁ ବୁଥ ସ୍ତରରେ ଏଜେଂଟ ନିଯୁକ୍ତ କରିବା ପାଇଁ ବୈଠକରେ ନିବେଦନ କରାଯାଇଥିଲା। ବୁଥସ୍ତରୀୟ ଅଧିକାରୀମାନଙ୍କର ବୈଠକ ଡାକି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାର ଓ ପ୍ରସାର କରିବା, ସମସ୍ତ ବୁଥସ୍ତରୀୟ ଏଜେଂଟଙ୍କ ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିବା, ବିଭିନ୍ନ ଆପତି ଅଭିଯୋଗର ଶୁଣାଣୀ କରି ତାହାର ଫଇସଲା କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏହି ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ସମସ୍ତ ବୁଥମାନଙ୍କରେ କରାଯାଉଥିବା ବେଳେ ଜିଲ୍ଲାରେ ମୋଟ ୧୮୮୭ଟି ବୁଥ ରହିଛି। ଜିଲ୍ଲାର ଭୋଟର ସଂଖ୍ୟା ଏବେ ୧୮ଲକ୍ଷ ୪୨ହଜାର ୨୨୩ରହିଛି। ଏବେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଏ ସଂକ୍ରାନ୍ତରେ ଆଜି ବିଭିନ୍ନ ରାଜନୈତିକ ଦଳ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଜିଲ୍ଲା ପ୍ରଶାସନର ଆଲୋଚନା ହୋଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ କେ ସୁଦର୍ଶନ ଚକ୍ରବର୍ତୀ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲାର ପ୍ରତି ବୁଥରେ ପ୍ରକାଶ ପାଇବାକୁ ଥିବା ଡ୍ରାଫ୍ଟ ଭୋଟର ତାଲିକାର ଅନୁଧ୍ୟାନ କରିବା ସହିତ ସେଥିରେ କିଛି ତ୍ରୁଟି ଥିଲେ ତାହା କର୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ଏବଂ ସଂଶୋଧନ ପାଇଁ ଭୋଟରଙ୍କୁ ସଚେତନ କରାଇବାକୁ ଜିଲ୍ଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ କହିଥିଲେ। ସେହିପରି ଭୋଟର ହେଲ୍ପଲାଇନ ମୋବାଇଲ ଆପ ମାଧ୍ୟମରେ ମଧ୍ୟ ଏବେ ଭୋଟରମାନେ ତ୍ରୁଟି ସଂଶୋଧନ ପାଇଁ ଆବେଦନ କରିପାରିବେ। ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ନୂତନ ଯୁବ ଭୋଟରମାନେ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ସେଥିପ୍ରତି ଉଦ୍ୟମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଭୋଟର ତାଲିକା ସଂଶୋଧନ ଚାହୁଁଥିବା ଭୋଟର ନିର୍ଦ୍ଧାରିତ ଫର୍ମ ୬,୬(କ),୭, ୮ ଓ ୮ (କ)ରେ ଆବେଦନ କରିପାରିବେ। ଏହି ଫର୍ମ ବୁଥ ଗୁଡିକରେ ଉପଲବ୍ଧ ହେଉଅଛି। ଯେଉଁମାନଙ୍କର ବୟସ ୦୧ ଜାନୁଆରୀ ୨୦୨୨ ସୁଦ୍ଧା ୧୮ ବର୍ଷ ବୟସ ହୋଇଛି ସେମାନେ ୬ ନମ୍ବର ଫର୍ମ ମାଧ୍ୟମରେ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ସଂଶୋଧନ ପ୍ରକ୍ରିୟାରେ ବିଭିନ୍ନ ଫର୍ମକୁ କିଭଳି ଠିକ ଢଙ୍ଗରେ ବ୍ୟବହାର କରିହେବ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଆସିଷ୍ଟାଂଟ କଲେକ୍ଟର (ନିର୍ବାଚନ) ଶ୍ରୀ ମନୋଜ କୁମାର କାର୍ଜୀ, ରାଜନୈତିକ ଦଳ ପ୍ରତିନିଧି ଶ୍ରୀ ଭୁବନାନନ୍ଦ ଦାସ, ଶ୍ରୀ କେଶବ କୁମାର ଆଚାର୍ଯ୍ୟଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

# କଳାପଥର ଓ ବାଲି ଚୋରା ଚାଲାଣ କରୁଥିବା ୯ଗାଡି ଜବତ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ କଳାପଥର, ଚିପ୍ସ୍ ଓ ବାଲି ଚୋରା ଚାଲାଣ କରୁଥିବା ୯ଟି ଗାଡିକୁ ଜବତ କରାଯାଇଛି। ଜବତ ଗାଡିଗୁଡିକୁ ଧର୍ମଶାଳା ଥାନା, ଚଣ୍ଡିଖୋଲ ଫାଣ୍ଡି ଓ ଚଢ଼େଇଧରା ଚେକ୍ ପୋଷ୍ଟରେ ଅଟକ ରଖାଯାଇଛି। ଜବତ ଗାଡିଗୁଡିକରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ ହେବ ବୋଲି ତହସିଲ୍ ପକ୍ଷରୁ କୁହାଯାଇଛି। ୫୩ ନମ୍ବର ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ୍ ଗେଟ୍ ଓ ଚଢ଼େଇଧରା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଶାସନ ପକ୍ଷରୁ ଅତର୍କିତ ଚଢଉ କରାଯାଇଥିଲା। ଏହି ସମୟରେ ୬ଟି ହାଇୱା ଏବଂ ଟ୍ରକ୍‌ରେ ବେଆଇନ ଭାବେ କଳାପଥର ଓ ଚିପ୍ସ୍ ପରିବହନ ହେଉଥିଲା। ଗାଡିଚାଳକମାନେ କଳାପଥର ଓ ଚିପ୍ସ୍ ପରିବହନ ପାଇଁ ଆବଶ୍ୟକ ୱାଇଫର୍ମ କିମ୍ବା କ୍ରସର ବିଲ୍ ଦେଖାଇ ନପାରିବାରୁ ଗାଡିଗୁଡିକୁ ଜବତ କରାଯାଇଥିଲା। ସେହିପରି ଏହି ସ୍କ୍ୱାର୍ଡ ଭବାନୀପୁର ପଂଚାୟତ ଭୁବନ ଗାଁ ନିକଟ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାରୁ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲା। ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶ, ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ମହାନ୍ତି, ନେଉଳପୁର ଆର୍‌ଆଇ ନିରଂଜନ ବୋଇତେଇ, ନାକପୋଲ ଆର୍‌ଆଇ ଚନ୍ଦନ କୁମାର ସାହୁ, ଆରୁହା ଏଆର୍‌ଆଇ ଜଗବନ୍ଧୁ ଜେନା ପ୍ରମୁଖ ସ୍ଥାନୀୟ ପୁଲିସ୍ ସହାୟତାରେ ଚଢଉ କରିଥିଲେ। ଉକ୍ତ ବେଆଇନ କାରବାରକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢଉ, ଗିରଫଦାରୀ, ଗାଡି ଜବତ, ଜରିମାନା ଆଦାୟ, ରାସ୍ତା ବନ୍ଦ କରିବା ଏବଂ ୧୪୪ଧାରା ଜାରି କରାଯାଉଥିଲେ ମଧ୍ୟ ମାଫିଆଙ୍କ ଉପରେ ଏହା କୌଣସି ପ୍ରଭାବ ପକାଇ ପାରୁନାହିଁ। ବରଂ ମାଫିଆମାନେ ପ୍ରଶାସନିକ ଅଧିକାରୀ ଓ ପୁଲିସ୍‌କୁ ଚ୍ୟାଲେଂଜ୍ ଦେଇ ଆହୁରି ଅଧିକ କଳାପଥର, ଚିପ୍ସ୍, ମୋରମ୍, ମାଙ୍କଡାପଥର, ମାଟି, ବାଲି ଆଦି ଲଘୁଖଣିଜ ସାମଗ୍ରୀ ଲୁଟ୍‌ପାଟ୍ କରୁଛନ୍ତି। ଯାହାକି ପାହାଡ ପର୍ବତର ସୁରକ୍ଷା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନରାତି ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ଲଘୁ ଖଣିଜ ସାମଗ୍ରୀ ଲୁଟ୍‌ପାଟ୍ ହେଉଛି। ଯାହାକୁ ରୋକିବା ପାଇଁ ପ୍ରଶାସନ ଉଦ୍ୟମ କରୁଥିଲେ ମଧ୍ୟ ସଫଳ ହୋଇ ପାରୁନାହିଁ। ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମୋସିମ ଖାଁ ଯୁବ ବିଜଡେି ଡିଜିଟାଲ ସମ୍ପାଦକ ମନୋନିତ



କେନ୍ଦ୍ରାପଡ଼ା (ପିଏନ୍): ଯୁବ ନେତା ମୋସିମ ଖାଁଙ୍କୁ ଯୁବ ବିଜେଡି ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଡିଜିଟାଲ ସମ୍ପାଦକ ଭାବେ ମନୋନିତ କରାଯାଇଛି। ରାଜ୍ୟ ବିଜୁ ଯୁବ ଜନତାଦଳ ସଭାପତିଙ୍କ ଅନୁମୋଦନକ୍ରମେ କେନ୍ଦ୍ରାପଡା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ ମୋସିମ ଖାଁଙ୍କୁ କେନ୍ଦ୍ରାପଡା ବ୍ଲକ ବିଜୁ ଯୁବ ଜନତା ଦଳର ଡିଜିଟାଲ ସମ୍ପାଦକ ଭାବେ ମନୋନିତ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅଞ୍ଚଳରେ ଯୁବ ବିଜେଡିର ଡିଜିଟାଲ କାର୍ଯ୍ୟକ୍ରମରେ ମୋସିମ ଅଧିକରୁ ଅଧିକ ଯୁବକମାନଙ୍କୁ ଜୋଡି ଦଳର ସଂଗଠନକୁ ମଜଭୁତ କରିବେ ବୋଲି କହିଛନ୍ତି। ଏହି ନିଯୁକ୍ତି ପାଇଁ ମୋସିମ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭାରସାମ୍ୟ ହରାଇ ଜଳଖିଆ ଦୋକାନରେ ପଶିଲା ହାଇୱା ଗାଡି

ବିଲେଇପଦା (ପିଏନ୍): କେନ୍ଦୁଝର ଜିଲ୍ଲା ରିମୁଳି ଫାଣ୍ଡି ଅନ୍ତର୍ଗତ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକ ହାଇୱା ଗାଡି ନଂ ଓଡି୦୯ଜି-୭୯୦୩ ରାତି ପ୍ରାୟ ୧୧ଟା ବେଳେ ଦ୍ରୁତଗତିରେ ଆସି କାହ୍ନୁ ମୁଣ୍ଡାଙ୍କ ଜଳଖିଆ ଦୋକାନ ଭିତରେ ପଶିଯାଇଥିଲା। ଦୋକାନ ଭିତରେ କୌଣସି ବ୍ୟକ୍ତି ଥିବାରୁ କାହାର କିଛି କ୍ଷତି ହୋଇ ନ ଥିଲା। ହାଇୱା ଡ୍ରାଇଭରଙ୍କର ବାମଗୋଡଟି ଭାଙ୍ଗିଥିବା ସୂଚନା ମିଳିଛି। କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଖବର ପାଇ ରିମୁଳି ଫାଣ୍ଡି ଅଧିକାରୀ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଡ୍ରାଇଭରଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଦୁର୍ଘଟଣାର ତଦନ୍ତ କରୁଛି।

# ଗୁପ୍‌ଚୁପ୍ ଦୋକାନ ଉପରକୁ ବୋମାମାଡ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ବଡକାଏମା ପଞ୍ଚାୟତ କାଏମା ସ୍କୁଲ ନିକଟରେ ଥିବା ଦିଲ୍‌ଖୁସ୍ ଗୁପ୍‌ଚୁପ୍ ଦୋକାନ ଉପରେ ବୋମାମାଡ ହୋଇଛି। ସୌଭାଗ୍ୟବଶତଃ ଏହା ଗୁପ୍‌ଚୁପ୍ ବିକାଳୀଙ୍କ ଉପରେ ନବାଜି ନିକଟରେ ଶୋଇଥିବା ଏକ ଛେଳି ଉପରେ ପଡିଥିଲା। ବୋମାମାଡରେ ଛେଳିର ମୁଣ୍ଡଟି ସଂପୂର୍ଣ୍ଣ ଛିଡି(ଉଡି) ଯାଇଥିବା ବେଳେ କିଛି ସମୟ ପରେ ତା'ର ମୃତ୍ୟୁ ହୋଇଯାଇଛି। ପରେ ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ସ୍ଥାନୀୟ କୁଣ୍ଡପାଟଣା ଗ୍ରାମର ପ୍ରଶାନ୍ତ ସାହୁଙ୍କୁ କାବୁ କରି ପୁଲିସ୍ ଜିମା ଦେଇଥିଲେ। ଅନ୍ୟ ଦୁଇ ସହଯୋଗୀ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଛନ୍ତି। ପୁଲିସ୍ ପ୍ରଶାନ୍ତକୁ ଥାନାକୁ ଧରି ନେଇ ଘଟଣା ସଂପର୍କରେ ପଚରାଉଚରା କରୁଛି। ପ୍ରକାଶ ଯେ, କାଏମା ସ୍କୁଲ ନିକଟରେ ଥିବା ଗୁପ୍‌ଚୁପ୍ ଦୋକାନରେ ଛାତ୍ରଛାତ୍ରୀଙ୍କ ସମେତ ନିକଟସ୍ଥ ଅଂଚଳର କେତେକ ଯୁବତୀ ପ୍ରତିଦିନ ଗୁପ୍‌ଚୁପ୍ ଖାଇଥାନ୍ତି। ବିଶେଷ କରି ଯୁବତୀମାନେ ଗୁପ୍‌ଚୁପ୍ ଖାଉଥିବା ବେଳେ ପ୍ରଶାନ୍ତ ସମେତ ତାର ଆଉ କେତେକ ସାଙ୍ଗ ଗୁପ୍‌ଚୁପ୍ ଖାଇବା ସହ ଏଠାରେ ଚକ୍କର କାଟନ୍ତି। ବିହାରରୁ ଆସି ସେରପୁର ଗାଁରେ ରହୁଥିବା ଗୁପ୍‌ଚୁପ୍ ବିକାଳୀ ଏହାକୁ ବିରୋଧ କରିଥାଏ। ଝିଅ ଥିବା ବେଳେ ପ୍ରଶାନ୍ତକୁ ଗୁପ୍‌ଚୁପ୍ ଦେବାରେ ଦୋକାନୀ ବିଳମ୍ବ କରୁଥିବାରୁ ସେ ବିରକ୍ତ ହେବାସହ ଦେଖିନେବ ବୋଲି ପୂର୍ବରୁ ଧମକଚମକ ଦେଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ଅନ୍ୟଦୁଇ ସହଯୋଗୀଙ୍କ ସହିତ ପ୍ରଶାନ୍ତ ଏକ ବାଇକ୍‌ରେ ଆସି ଦୋକାନ ଉପରକୁ ଏକ ବୋମା ଫିଙ୍ଗିବା ସହିତ ଏହା ଟ୍ରେଲର ବୋଲି କହି ଚାଲିଯାଇଥିଲା। ତେବେ ବୋମାଟି ଦୋକାନରେ ନ ବାଜି ନିକଟରେ ଶୋଇଥିବା କାଏମା ଗ୍ରାମର ଗଗନ ମଲିକଙ୍କ ଛେଳି ଉପରେ ପଡିଥିଲା। ପରେ ଅପରାହ୍ନ ୪ଟାରେ ପ୍ରଶାନ୍ତ ପୁଣି ଆସି ଏଠାରେ ପହଁଚିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକମାନେ ତାକୁ କାବୁକରି ନିକଟସ୍ଥ କ୍ଲବ ଘରେ ପୁରାଇ ଦେଇଥିଲେ। ଖବରପାଇ ପୁଲିସ୍ ପ୍ରଶାନ୍ତକୁ ଥାନାକୁ ଧରିନେବା ସହ ସେ ବ୍ୟବହାର କରିଥିବା ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛି।

# ମହୀଧରପଡା-ଗୋବିନ୍ଦପୁର ରାସ୍ତାର ଶୋଚନୀୟ ପରିସ୍ଥିତି

ଫୁଲନଖରା (ପିଏନ୍): କଟକ ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନସ୍ଥ ମହୀଧରପଡା ଠାରୁ ୧୪ କି.ମି. ଗୋବିନ୍ଦପୁରକୁ ରାସ୍ତା ଯାଇଅଛି। ଏହି ରାସ୍ତା ଆରମ୍ଭ ତ୍ରିନାଥବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ୩ କି.ମି. ଅତ୍ୟନ୍ତ ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଏବଂ ରାସ୍ତାର ଉଭୟ ପାର୍ଶ୍ୱ ଗଛଲତା ମାଡି ରାସ୍ତାକୁ ଅବରୋଧ କଲାଣି ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ବଜାର ରାସ୍ତା କଡକୁ ଲଗାଇ ବାଉଣ୍ଡରୀ ଘର ଇତ୍ୟାଦି ମାଡି ବସି ତିଆରି କରିବା ଦ୍ୱାରା ଦୈନନ୍ଦିନ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ବିଭାଗୀୟ କର୍ତୃପକ୍ଷ ବିଚାରକୁ ନେଇ ତ୍ରିନାଥ ବଜାରଠାରୁ ୭ କି.ମି. ରାସ୍ତାର ଉଭୟ ପାର୍ଶ୍ୱ ସଂପ୍ରସରଣ କରି ରାସ୍ତା କାର୍ଯ୍ୟ କରାଯିବାକୁ ଟେଣ୍ଡର କରାଯାଇଥିଲା। ଜୈନିକ ଠିକାଦାର ଦୀର୍ଘ ୪ ମାସ ତଳୁ ରାସ୍ତା ଟେଣ୍ଡର ନେଇ ନଗରୀ, ସନ୍ତୋଳ ଓ ଗବବସ୍ତ ପର୍ଯ୍ୟନ୍ତ ଖାଲିଥିବା ରାସ୍ତାର ଉଭୟପର୍ଶ୍ୱ ଜେସିପି ମେସିନ୍ ଦ୍ୱାରା ସଫାକରି ରହିଯାଇଛନ୍ତି। ଯେଉଁଠି ରାସ୍ତା ଜରୁରୀ ଆବଶ୍ୟକତା ହେଉଛି ତ୍ରିନାଥ ବଜାରଠାରୁ ସନ୍ତୋଳ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫାକରାଗଲା ନାହିଁ କି ଜବରଦଖଲକାରିଙ୍କୁ ଉଚ୍ଛେଦ କରାଗଲା ନାହିଁ। ଗତ ମାସକ ତଳେ ଲଗାଣ ବର୍ଷାଯୋଗୁ ଏହି ରାସ୍ତାର ମହୀଧରପଡା ଚମାରସାହି ପୋଲ ନିକଟ, ହାଇସ୍କୁଲ ସମ୍ମୁଖ ରଙ୍ଗଣି ସାହି ପୋଲପାଖ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟତର ଘୋର ବାଧା ସୃଷ୍ଟି ହେଉଛି। ଦୈନନ୍ଦିନ ଭୁବନେଶ୍ୱର କଟକରୁ ଗୋବିନ୍ଦପୁର ଅଂଚଳକୁ ଯାଉଥିବା ଟ୍ରକ ଗୁଡିକ ବା ଯାତ୍ରୀବାହି ବସ୍ ବହୁ ବିପଦର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାଉପରେ ବିଭାଗିୟ ଉଚ୍ଚ କର୍ତୃପକ୍ଷ ମାନ୍ୟବର ବିଧାୟକ ନିଆଳୀ ଦୃଷ୍ଟି ଦେଇ ଜରୁରୀ ହୋଇପଡିଥିବା ରାସ୍ତାକାର୍ଯ୍ୟ ଆରମ୍ଭ କରିବାକୁ ମହୀଧରପଡା ଅଂଚଳରୁ ଦୃଷ୍ଟି ଆକର୍ଷଣ କରାଯାଇଛି।

# କେନ୍ଦ୍ରାପଡାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଓ ସ୍ୱଳ୍ପ ସଞ୍ଚୟ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରଥକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ମିତବ୍ୟୟିତା ପତାକା ଦେଖାଇ ଉଦଘାଟନ କରିଥିଲେ। ଜନସାଧାରଣଙ୍କ ମନରେ ମିତବ୍ୟୟିତା ପ୍ରତି ସଚେତନତା ସୃଷ୍ଟି କରିବା ଓ ଆଗାମୀ ଭବିଷ୍ୟତ ପ୍ରତି ସଞ୍ଚୟ ମନୋବୃତ୍ତି ଜାଗ୍ରତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ବିଶେଷ କରି ନିଜ ଅର୍ଥକୁ ସୁରକ୍ଷିତ ରଖିବାପାଇଁ କେବଳ ସ୍ୱୀକୃତିପ୍ରାପ୍ତ ଅଧିକୃତ ଓ ପଞ୍ଜିକୃତ ସଂସ୍ଥା ବା ବ୍ୟାଙ୍କ ପୋଷ୍ଟ ଅଫିସରେ ଜମା ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଓ ସ୍ୱଳ୍ପ ସଞ୍ଚୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସଚେତନତା ରଥ ସହରରେ ସ୍ୱଳ୍ପ ସଞ୍ଚୟ ପ୍ରଚାରପତ୍ର ବଣ୍ଟନ କରିଥିଲା। ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଭଦ୍ରକ ଜିଲ୍ଲା ଅନ୍ତ କ୍ଲବ ଦିବା ରାତ୍ର ଭଲି ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ଭଦ୍ରକ: ଭଦ୍ରକ ଜିଲ୍ଲା ଅଥଲେଟିକ ଆସୋସିଏସନ ତରଫରୁ ଅନ୍ତ କ୍ଲବ ଦିବା ରାତ୍ର ଭଲି ବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଓଲଙ୍ଗ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅନ୍ତ କ୍ଲବ ଟୁର୍ଣ୍ଣାମେଣ୍ଟ ଟିକୁ ଓଲଙ୍ଗ ଗ୍ରାମ ପଞ୍ଚାୟତ ଆୟୋଜନ କରିଛନ୍ତି । ଏହି ଦିବା ରାତ୍ର ଟୁର୍ଣ୍ଣା ମେଣ୍ଟ ରେ ଭଦ୍ରକ ଜିଲ୍ଲାର ୧ ୨ଟି କ୍ଲବ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ , ଜଗନ୍ନାଥ ସ୍ୱାଇଁ, ଭଦ୍ରକ ଜିଲ୍ଲା ଅଥଲେଟିକ ଆସୋସିଏସନ ର ସମ୍ପାଦକ ଧୀରେନ ପଲେଇ ,ଓଲଙ୍ଗ ସରପଞ୍ଚ ଦେବୀଦତ୍ତା ମହାନ୍ତି , ପୂର୍ବତନ ସରପଞ୍ଚ ତଥା କ୍ରୀଡ଼ାବିତ ଯୁବ ସମାଜ ସେବୀ ଅକ୍ଷୟ ପ୍ରସାଦ ମହାନ୍ତି ଙ୍କ ସମେତ ଭଦ୍ରକ ଜିଲ୍ଲା ଅଥଲେଟିକ ଆସୋସିଏସନ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଆସୋସିଏସନ ପକ୍ଷରୁ ପୂର୍ବତନ ଖେଳାଳୀ କିରଣ ପାତ୍ର , ହିମାଂଶୁ ଭୂଷଣ ଦାସ , ଧୀରେନ ପଲେଇ ସହ ଅୟୋଜକ ଓଲଙ୍ଗ ପଂଚାୟତ ର ସରପଞ୍ଚ ଦେବୀଦତ୍ତା ମହାନ୍ତି ଓ କ୍ରୀଡ଼ାବିତ ତଥା ଯୁବ ସମାଜ ସେବୀ ଅକ୍ଷୟ ପ୍ରାସାଦ ମହାନ୍ତି ଙ୍କୁ ସଂମ୍ମାନୀତ କରାଯାଇଥିଲା ।ଶେଷରେ ପାଇନାଲ ମ୍ୟାଚ୍ ରେ ମନ୍ଦାରୀ ଓ ସୂର୍ଯ୍ୟସିଖା ମଧ୍ୟରେ କଡା ଟକ୍କର ରେ ମନ୍ଦାରୀ ଟିମ ୨୫-୨୧ ,୨୧-୨୫, ୧୫- ୧୩ ସେଟ ରେ ବିଜୟୀ ହୋଇଥିଲା , ମୁଖ୍ୟ ଅତିଥି ସଂଜୀବ ମଲ୍ଲିକ ଓ ଜଗନ୍ନାଥ ସ୍ୱାଇଁ ବିଜୟୀ ଟିମ କୁ ଟ୍ରଫି ପ୍ରଦାନ କରିଥିଲେ ।ମ୍ୟାଚ୍ ଟି କୁ ଦେଖି ଦର୍ଶକ ମାନେ ଭରପୁର ଆନନ୍ଦ ଉଠାଇଥିଲେ । ତେବେ ଓଲଙ୍ଗ ପଞ୍ଚାୟତ ର ସଫଳ ଆୟୋଜନ ପାଇଁ ସରପଞ୍ଚ ଦେବୀଦତ୍ତା ମହାନ୍ତି ଙ୍କୁ ଧନ୍ୟବାଦ ଦେବା ସହ ଅଗାମୀ ଦିନରେ ରାଜ୍ୟ ସ୍ତରୀୟ ଭଲି ବଲ ପ୍ରତିଯୋଗିତା ହେବ ବୋଲି କହିଛନ୍ତି ଭଦ୍ରକ ଜିଲ୍ଲା ଅଥଲେଟିକ ଆସୋସିଏସନ ର ସମ୍ପାଦକ ଧୀରେନ ପଲେଇ । ସେହିପରି ବିଧାୟକ ସଂଜୀବ ମଲ୍ଲିକ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ବିଶ୍ୱ ଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ






ଭୂବନେଶ୍ୱର ,(ପି.ଏନ): ଜାନୁଆରୀ ୧ ତାରିଖକୁ ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ କରିବାକୁ କେନ୍ଦ୍ରାପଡା ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଭୂବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଶ୍ୱବାସୀଙ୍କୁ ବିନମ୍ର ନିବେଦନ କରିଛନ୍ତି । ଏହି ଦିବସର ତାତ୍ପର୍ଯ୍ୟ ହେଉଛି- ଗୋଟିଏ ଜାତି ମାନବ ଜାତି, ଗୋଟିଏ ଧର୍ମ ପ୍ରେମର ଧର୍ମ, ଗୋଟିଏ ଭାଷା ହୃଦୟର ଭାଷା । ବିଶ୍ୱରେ ଭିନ୍ନ ଭିନ୍ନ ଦିବସ ପାଳନ ହେଉଛି ହେଲେ, ପ୍ରାର୍ଥନା ଦିବସ ପାଳନ ହେଉନାହିଁ । ଏଥିପାଇଁ ଦେଶର ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କର ବିଶ୍ୱର ସବୁ ଧର୍ମାବଲମ୍ବୀମାନଙ୍କୁ ତଥା ସବୁ ସମ୍ପ୍ରଦାୟ ସମସ୍ତ ବିଶ୍ୱବାସୀଙ୍କୁ ଏହି ସାମ୍ବାଦିକ ସମ୍ମିଳନୀ ଜରିଆରେ ନିବେଦନ ଓ ଅନୁରୋଧ କରିଛନ୍ତି ଓ କହିଛନ୍ତି ଦେଶରେ ସୈନିକ, ଶ୍ରମିକ, କୃଷକ, ଡାକ୍ତର, ନର୍ସ, କର୍ମଚାରୀ, ପୋଲିସ୍, ଗଣମାଧ୍ୟମ, ସାଧୁସନ୍ଥ, ସରକାରୀ ପ୍ରଶାସନ, ଶିକ୍ଷାବିତ୍ ଯେଉଁମାନେ ଦେଶପାଇଁ ସେବା କରୁଛନ୍ତି ସେମାନଙ୍କ ପାଇଁ ଏବଂ ଏ ଜଗତର ସବୁ ଜୀବମାନଙ୍କର କଲ୍ୟାଣ ଓ ମଙ୍ଗଳ ପାଇଁ ସବୁଦିନେ ସକାଳେ ଓ ସନ୍ଧ୍ୟାରେ ଅଥବା ସବୁ ସମୟରେ ପ୍ରାର୍ଥନା କରିବା ଉଚିତ୍ । ସବୁଧର୍ମ , ସମ୍ପ୍ରଦାୟ ସବୁକିଛି ଭୂଲି ଆମେ ସମସ୍ତେ ଏକ ବିଶ୍ୱ ପରିବାର । ଆମେ ବିଶ୍ୱର ଶାନ୍ତି ଓ ଭାଇଚାରା ବଜାୟ ରଖିବା ପାଇଁ ଗୋଟିଏ ଦିନ ଗୋଟିଏ ମୁହୂର୍ତ୍ତରେ ସମସ୍ତେ ନିଜ ନିଜର ଉପାସ୍ୟ ଦେବଦେବୀଙ୍କୁ ନିଜ ଭାଷାରେ ନିଜ ଭାବନାରେ ଆସ'ାବର୍ଷ ଜାନୁଆରୀ ୧ ତାରିଖ ଦିନ ସକାଳ ୬ଟାରୁ ୭ଟା ମଧରେ ପ୍ରାର୍ଥନା କରିବାକୁ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଅନୁରୋଧ କରିଛନ୍ତି ଏବଂ ଏକ ସୁନ୍ଦର ଉକ୍ତି ଉପସ୍ଥାପନ କରି କହିଛନ୍ତି ପ୍ରାର୍ଥନାର ଶକ୍ତି ଅସୀମ ଓ ଅମୋଘ କବଚ ସଦୃଶ । 'ସକଳେ ହୋଇ ଏକମୁଖ, ଡାକିବା ନାରାୟଣ ରଖ' । ଏକ ସମୟରେ ସମସ୍ତେ ମିଶି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିବା ଯଦ୍ୱାରା ଏକ ଆଧାତ୍ମିକ ବଳୟ ସୃଷ୍ଟି ହେବ । ଏହା ସମସ୍ତଙ୍କୁ ସବୁ ବିପଦରୁ ରକ୍ଷା କରିବ । ପ୍ରାର୍ଥନା ଏତେ ଶକ୍ତିଶାଳୀ ଯେ, ପରମାଣୁ ବୋମାର ଶକ୍ତିକୁ ମଧ ନିଷ୍କ୍ରିୟ କରିଦିଏ ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୮ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

-ପ୍ରକାଶକ

# ଡିଜେଲ ପେଟ୍ରୋଲରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ରିହାତି ଅତି ନଗଣ୍ୟ

ଭୁବନେଶ୍ୱର,(ପି.ଏନ); କେନ୍ଦ୍ର ସରକାରଙ୍କ ପକ୍ଷରୁ ପେଟ୍ରୋଲ ଉପରୁ ଲିଟର ପ୍ରତି ୫ଟଙ୍କା ଓ ଡିଜେଲ୍ ଉପରେ ଲିଟର ପ୍ରତି ୧୦ ଟଙ୍କା ହ୍ରାସ ଘୋଷଣା ସାଧାରଣ ଲୋକଙ୍କ ପାଇଁ ମୋଟେ ଆଶ୍ୱସ୍ତିକର ନୁହେଁ । ଡିଜେଲ ପେଟ୍ରୋଲର ଲିଟର ପ୍ରତି ଦର ୧୦୦ଟଙ୍କା ପାର କରିସାରିଥିବା ବେଳେ ଏହି ଛାଡ ପରିମାଣ ଅତି ନଗଣ୍ୟ । ନିକଟରେ କେତେକ ରାଜ୍ୟରେ ଅନୁଷ୍ଠିତ ଉପ ନିର୍ବାଚନଗୁଡିକରେ ବିଜେପିର ପରାଜୟ ଛାନିଆ ହୋଇ ଏପରି ସଂକେତିକ ଛାଡ ଦ୍ୱାରା ଲୋକଙ୍କ ଉପରେ ପଡିଥିବା ଦରଦାମ ବୃଦ୍ଧିର ଅହେତୁକ ବୋଝ ଲାଘବ ହେବ ନାହିଁ । ପୁଣି ରନ୍ଧନ ଗ୍ୟାସ ସିଲିଣ୍ଡର ପ୍ରତି ଦାମ ୧୦୦୦ଟଙ୍କା ଛୁଇଁଥିବା ବେଳେ ସେଥିରେ କୌଣସି ରିହାତି ଘୋଷଣା ନାହିଁ । କେନ୍ଦ୍ର ସରକାର ଦୀର୍ଘ ଦିନ ଧରି ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଲିଟର ପ୍ରତି ୩୨ଟଙ୍କା ଓ ପେଟ୍ରୋଲ ଉପରେ ୩୩ଟଙ୍କା ଆଦାୟ କରୁଥିବା ବେଳେ ବର୍ତ୍ତମାନର ଛାଡ ମୋଟେ ଗ୍ରହଣୀୟ ନୁହେଁ । ରାଜ୍ୟ ସରକାର ମଧ ଗତ ବର୍ଷ ରାଜ୍ୟବାସୀ କୋଭିଡ୍ ମହାମାରୀ ଯୋଗୁଁ ଜୀବନ ଜୀବିକା ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ବେଳେ ପେଟ୍ରୋଲ ଡିଜେଲ ଉପରେ ଭାଟ ପରିମାଣ ବୃଦ୍ଧି କରିଥିଲେ । ରାଜ୍ୟ ସରକାର ଭାଟ୍ ପରିମାଣ ଲିଟର ପ୍ରତି ୧୦ଟଙ୍କା ହ୍ରାସ କରିବାକୁ ସବୁ ସ୍ତରରେ ଦାବି ହୋଇ ଆସିଛି । ଏହାକୁ ଅଣଦେଖା କରିବା ଯୋଗୁଁ ରାଜ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରଦାମ ବୃଦ୍ଧିରେ ସହାୟକ ହୋଇଛି । ଏବେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ପରେ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରର ଭାଟ୍ ଆଦାୟ ଲିଟର ପ୍ରତି ୩ ଟଙ୍କା ଛାଡ ଘୋଷଣା କରିଛନ୍ତି ।

# ବିଶ୍ୱ ଓଡ଼ିଶା ସମାଜ ଦ୍ୱାରା ଆନ୍ତର୍ଜାତିକ ଆଭାସି ଆଲୋକ ଉତ୍ସବ ଆୟୋଜିତ







ନର୍ଥକାରୋଲିନା / ଟରୋଣ୍ଟୋ / ସିଙ୍ଗାପୁର / ମୋନାଘନ / କାନବେରା / ନୂଆଦିଲ୍ଲୀ / କୋଲକାତା / ଭୁବନେଶ୍ୱର / କଟକ,(ପି.ଏନ) : ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ମହିମା, ମହାନତା ଓ ମହନୀୟତାକୁ ବିଶ୍ୱ ଦରବାରରେ ପରିଚିତ, ପ୍ରତିପାଦିତ ଓ ପ୍ରତିଷ୍ଠିତ କରାଇବାରେ ବିଶ୍ୱ ଓଡ଼ିଶା ସମାଜ (ବିଓସ) ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୃଢ଼ ଆଶା ପୋଷଣ କରିଛନ୍ତି । ଭୁବନେଶ୍ୱରର ନୟାପଲ୍ଲୀଠାରେ ବିଓସର ଆନ୍ତର୍ଜାତିକ ମୁଖ୍ୟାଳୟ ଉଦଘାଟନ ଏବଂ ଆଲୋକ ଉତ୍ସବରେ ଭିଡିଓ କନ?ଫରେନ୍ସିଂ ଜରିଆରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଫେସର ଲାଲ, ଭବିଷ୍ୟତରେ ସାରା ପୃଥିବୀର ମାନବ ସମାଜକୁ ଜ୍ଞାନ, ଗୁଣ ଓ ଗାରିମା ବାବଦରେ ଦିଗ୍‌ଦର୍ଶନ ଦେବାକୁ ଓଡ଼ିଶା ନିକଟରେ ଅପାର ଭୌତିକ ଓ ବୌଦ୍ଧିକ ଭଣ୍ଡାର ମହଜୁଦ ଥିବା ଦର୍ଶାଇଥିଲେ । ଉଭୟ ଭର୍ଚ୍ଚୁଆଲ ଓ ଫିଜିକାଲ ଶୈଳୀରେ ଆୟୋଜିତ ଏହି ଉତ୍ସବରେ ବହୁ ବିଶିଷ୍ଟ ପ୍ରବାସୀ ଓଡ଼ିଆ, ଓଡ଼ିଶାର ଶୁଭେଚ୍ଛୁ, ବିଭିନ୍ନ ଦେଶର ଓଡ଼ିଆ ସମାଜର କର୍ମକର୍ତ୍ତା ଓ ବିଓସର ସଦସ୍ୟମାନେ ଶତାଧିକ ସଂଖ୍ୟାରେ ସାମିଲ ହେଇଥିବାବେଳେ ସାମାଜିକ ଗଣମାଧ୍ୟମଗୁଡ଼ିକ ଦ୍ୱାରା ଲାଇଭଷ୍ଟ୍ରିମିଂ ମାଧ୍ୟମରେ ସହସ୍ରାଧିକ ଦର୍ଶକ ଏହାକୁ ଦେଖିଥିବା ଲକ୍ଷ କରାଯାଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରି ବିଓସର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ମାତୃ ପ୍ରଦେଶ ଓଡ଼ିଶାର ଭାଗ୍ୟୋଦୟ ପାଇଁ ସାରା ବିଶ୍ୱର ଓଡ଼ିଆ ଏକଜୁଟ ହୋଇଥିବା ବିଷୟକୁ ଅଭୂତପୂର୍ବ ଓ ଐତିହାସିକ ଆଖ୍ୟା ଦେଇଥିଲେ । ବିଓସର ପ୍ରତିଷ୍ଠାତା ଡଃ ଅରୁନ୍ଧତୀ ଦେବୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଓସର ଉପଦେଷ୍ଟା ଧୀରେନ୍ଦ୍ର କର ଓଡ଼ିଶାର ବୈଶିଷ୍ଟ୍ୟ, ସୁନ୍ଦରତମ, ମଧୁରତମ ଓ ଦୀର୍ଘତମ ବୋଲି ଉଲ୍ଲେଖ କରିଥିଲେ । ସମାବେଶକୁ ସମ୍ବ?ଧନ କରି ଅତିଥି ବକ୍ତା ବିଖ୍ୟାତ ବିଦ୍ୱାନ ପ୍ରଫେସର ହରେକୃଷ୍ଣ?ଣ ଶତପଥୀ ବିଶ୍ୱ ଓଡ଼ିଶା ସମାଜ ଓଡ଼ିଶାର ଆଧ୍ୟାତ୍ମିକ, ସାରସ୍ୱତ, ସତ୍ୟ, ଶାନ୍ତି, ଆନନ୍ଦ, ମୈତ୍ରୀ ଓ ପ୍ରଗତିର ବାର୍ତ୍ତାରେ ସାରା ପୃଥିବୀକୁ ଉଦ୍ବୁଦ୍ଧ କରିବ ବୋଲି ଦମ୍ଭପ୍ରକାଶ କରିଥିଲେ । ଅଧୀବେଶନରେ ଉଦ୍?ଧନ ଦେଇ ମୁଖ୍ୟ ବକ୍ତା ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ର ରାମାୟଣ ଓ ଦୀପଦାନର ମହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରି ଏହା ଓଡ଼ିଆ ଓ ଭାରତୀୟମାନଙ୍କୁ ଯୁଗଯୁଗ ଧରି ଅନୁପ୍ରାଣିତ କରିଆସିଥିବା ସୂଚାଇଥିଲେ । ବିଓସର ଉପାଧ୍ୟକ୍ଷ ନଳୀନି ପତି, ଆମେରିକାରୁ ଅଷ୍ଟ୍ରେଲିଆ ଏବଂ ଦୁବାଇରୁ ଜାପାନ ପର୍ଯ୍ୟନ୍ତ ପୃଥିବୀବ୍ୟାପି ବିଭିନ୍ନ ଦେଶଗୁଡ଼ିକ ବିଶ୍ୱ ଓଡ଼ିଶା ସମାଜ ସହିତ ସାମିଲ ହୋଇଥିବା ନେଇ ସନ୍ତ?ଷ ପ୍ରକାଶ କରିଥିଲେ । ଅସୀମ ଓଡ଼ିଶାର ମୁଖ୍ୟ




ପ୍ରୋତ୍ସାହକ ନିହାର ସାମନ୍ତରାୟ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନୟନ ପାଇଁ ବିଓସ ଉତ୍ସର୍ଗୀକୃତ ପ୍ରୟାସ କରିବ ବୋଲି ଘୋଷଣା କରିଥିଲେ । ବିଓସର ମାତୃଭାଷା ପ୍ରୋତ୍ସାହନର ସାଧାରଣ ସମ୍ପାଦକ ପବିତ୍ର ମହାରଥା ବିଓସ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାର ତଥା ପ୍ରସାର ପାଇଁ ପ୍ରତିଜ୍ଞାବଦ୍ଧ ବୋଲି ପ୍ରକାଶ କରିଥିଲେ । ବିଓସର ସେକ୍ରେଟାରୀ ଜେନେରାଲ ଶିବରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋକ ଉତ୍ସବରେ ସ୍ଥାନ ପାଇଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଅନିନ୍ଦିତା ଦାସ ଏବଂ ଟ୍ରୁପ?, ସନ୍ଦୀପ ମିଶ୍ର, ମାନସ କୁମାର, ଶିଳ୍ପୀ ପତି, ପ୍ରୀତିମୋହନ ମହାପାତ୍ର, ସୁଧାଂଶୁ ଜେନା ଏବଂ ନବଜ୍ୟୋତି ଦାସ ପ୍ରମୁଖଙ୍କର ସୁଲଳୀତ ସଂଗୀତର ମୂର୍ଚ୍ଛନା ଖୁବ? ମନୋରଞ୍ଜକ ଥିଲା । ସନ୍ଧ୍ୟାରେ ପ୍ରମୁଖ ଆକର୍ଷଣ ମଧ୍ୟରେ ରାଜ କିଶୋର ଗୋଚ୍ଛାୟତଙ୍କର ସଂଗୀତ ସଂଯୋଜନା, ଡଃ ତନ୍ମୟ ପଣ୍ଡାଙ୍କ ଦ୍ୱାରା ଉପସ୍ଥାପିତ ଅକ୍ଷୟ ମହାନ୍ତିଙ୍କ ସହିତ ସଂଗୀତମୟ ଯାତ୍ରା ଏବଂ ପ୍ରତିଭାବାନ ଫଟୋଗ୍ରାଫର ସମରେନ୍ଦ୍ର ଦାସଙ୍କର ପିପିଟି ଲିଭିଂ ଲେନ୍ସସେସ? ଆଦି ଅନ୍ତର୍ଭୁକ୍ତ ଥିଲା । ଏହି ଅବସରରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମକୁ ସୁନାମଧନ୍ୟ ସାହିତ୍ୟିକ ପୀତାମ୍ବର ବାରିକ ଏବଂ କବୟତ୍ରୀ ରୀତା ପାତ୍ର ସଂଯୋଜନା କରିଥିଲେ । ଶଙ୍କର ପରିଡ଼ା, ସନାତନ ମହାକୁଡ଼, ଇପ?ସିତା ଷଡ଼ଙ୍ଗୀ, ରକ୍ଷକ ନାୟକ ଓ ସୁନନ୍ଦା ମିଶ୍ର ପଣ୍ଡା ପ୍ରମୁଖ କବି ସେମାନଙ୍କର କବିତା ଆବୃତ୍ତି କରିଥିଲେ । ବିଭିନ୍ନ ରାଷ୍ଟ୍ରର ସାଂସ୍କୃତିକ ପ୍ରସ୍ତୁତି ମଧ୍ୟରେ ୟୁ.କେରୁ ଡଃ ନାଟାଲୀ ରାଉତ, ଆବୁଧାବୀରୁ ଜସ୍ମୀନ ଦାସ ଓ ଭାରତରୁ ତନୁଶ୍ରୀ ମହାନ୍ତିଙ୍କର ଓଡ଼ିଶୀ ନୃତ୍ୟ, ସିଙ୍ଗାପୁରରୁ ମା'ଝିଅ ବନୋଜିନୀ ନାୟକ ଓ ଆୟେସା ସ୍ୱାଇଁଙ୍କର ଦୀପାବଳି ନୃତ୍ୟ, ଆୟରଲ୍ୟାଣ?ରୁ ସୀମାରାଣି ଦାସଙ୍କର ସଂଗୀତ, ଅଷ୍ଟ୍ରେଲିଆରୁ ସମ୍ୟକ ମିଶ୍ର ଓ ସରିତା ଦାଶଙ୍କର ଓଡ଼ିଆ ଡୁଏଟ? ଗାନ, ରୁଷ ଓଡ଼ିଆ ସମାଜର ନାଟକ, ରୁଷ ଓଡ଼ିଆ ସମାଜର ସଭାପତି ସନ୍ତ?ଷ ମିଶ୍ରଙ୍କର ଗାୟନ, ବାହାରିନ ଓଡ଼ିଆ ସମାଜର ଲୋକନୃତ୍ୟ ଏବଂ ଆବୁଧାବୀ ଓଡ଼ିଆ ସମାଜର ନୃତ୍ୟ ଓ ସଂଗୀତ ପ୍ରଭୃତି ସ୍ଥାନ ପାଇଥିଲା । ଅନ୍ଲାଇନ? ଓ ଅଫ୍ଲାଇନ୍?ଅର୍କେଷ୍ଟ୍ରାକୁ ଯନ୍ତ୍ର ସଂଗୀତରେ ବାବୁଲ୍ କୁମାର, ସଞ୍ଜୀୟ କୁମାର ରାଉତ, ରାଜେନ୍ଦ୍ର ଦାଶ, ଆଲୋକ ପୃଷ୍ଟି, ଅଜୟ ଚୌଧୁରୀ, ଚିନ୍ତାମଣି ମିଶ୍ର ଓ ଶିବନାରାୟଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ସମଗ୍ର ସମାରୋହକୁ ଡଃ ଭାଗ୍ୟଶ୍ରୀ ସିଂହ, ପ୍ରଦୀପ ମହାପାତ୍ର ଓ ବନୋଜିନୀ ନାୟକ ପ୍ରମୁଖ ସୂତ୍ରଧାର ରୂପେ ସଞ୍ଚାଳନା କରିଥିଲେ ।

ଆଲୋକ ଉତ୍ସବର ଆୟୋଜନ ଓ ପରିଚାଳନାରେ ବିଓସର ଜାତୀୟ ସଂଯୋଜକ ପ୍ରଦୀପ ମହାପାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କୁ ଅକ୍ଷୟ ମହାନ୍ତି, ବନୋଜିନୀ ନାୟକ ଓ ସୁଲିପ୍ତା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଯୁବ ଟିମ? ସଦସ୍ୟ ନନ୍ଦନ ଦ୍ୱିବେଦୀ ଡିଜିଟାଲ ମଞ୍ଚକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦିକା କାବେରୀ ବେହେରା ଉତ୍ସବର ସଫଳତା ପାଇଁ ଆୟୋଜକ ଓ ଅଂଶଗ୍ରହଣକାରୀମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ ।

ସାଂସ୍କୃତିକ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ମଧ୍ୟରେ ସ୍ନେହଲତା ପୃଷ୍ଟିଙ୍କର ଭଲପାଇବାର ଭାଷା ଶିର୍ଷକ ଗଳ୍ପ ପଠନ ଥିଲା । ଉପସ୍ଥିତ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଅଜୟ ଅଗ୍ରୱାଲ, ଅମିୟ ମିଶ୍ର, ପ୍ରଦୀପ ରଥ, ଚିଦାତ୍ମିକା ଖଟୁଆ, ରୁପା ଦାଶ, ଦୀପକ ଦାସ, ଦୀନେଶ ମହାନ୍ତି, ବ୍ରହ୍ମା ମିଶ୍ର, ବ୍ରହ୍ମାନନ୍ଦ ଦଣ୍ଡପାଟ, କୁଳଦୀପ ରଥ, ସୁଶାନ୍ତ ପଣ୍ଡା, ସିତାଂଶୁ ଶେଖର ନନ୍ଦ, ପୀୟୂଷ ମହାପାତ୍ର, କୃପାନିଧି ବିଶ୍ୱାଳ, ରବିନାରାୟଣ ବେହେରା, ପ୍ରସନ୍ନ କୁମାର ହୋତା, ମମତା ପ୍ରଧାନ, ପ୍ରମୋଦ କୁମାର, ଦେବର୍ଶୀ ମଲ୍ଲିକ, ଗୋକୁଳ ପଟ୍ଟନାୟକ, ଦୀପକ ପରିଡ଼ା, ପ୍ରିତିସ ଦଶ, ଡକ୍ଟର ବିଭୁତିଭୂଷଣ ପଟ୍ଟନାୟକ, ପୁଷ୍ପାଞ୍ଜଳି ବାରିକ, ସୋଭନ ବେହେରା, କୈଳାଶ ବୈଷ?ଣବ, ସତ୍ୟବ୍ରତ ମହାନ୍ତି, ଅହଲ୍ୟା ବାରିକ, ରାଜଲକ୍ଷ୍ମୀ ପାତ୍ର, ଡକ୍ଟର ଅର୍ଚ୍ଚନା ବାରିକ, ବ୍ୟାସଦେବ ନାୟକ, ଏମ?.ଏସ?. ଜମାନ?, ରବି ମହାପାତ୍ର, ରାମକୃଷ?ଣ ଦାଶ, ଚିରଞ୍ଜୀବି ସ୍ୱାଇଁ, ଅରବିନ୍ଦ ବିଶ୍ୱାଳ, ଡକ୍ଟର ଅନିତା ପଣ୍ଡା, ସୁଦିପ୍ତ ପଟ୍ଟନାୟକ, ପ୍ରତିଭା ପଣ୍ଡା ଓ ସାଗର ରଞ୍ଜନ ତ୍ରିପାଠୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






# ଚଣ୍ଡିଖୋଲ କୋର୍ଟ ପକ୍ଷରୁ ଆଇନ ସଚେତନତା

ଚଣ୍ଡିଖୋଲ,(ପିଏନ): ଜିଲା ଆଇନସେବା ପ୍ରାଧିକରଣ ଓ ଚଣ୍ଡିଖୋଲ ତାଲୁକ୍ ଆଇନସେବା କେନ୍ଦ୍ରର ମିଳିତ ସହଯୋଗରେ ଆଇନ ସଚେତନତା ମାଧ୍ୟମରେ ମହିଳା ଶଶକ୍ତିକରଣ ପରୀପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ଶିବିର ଚଣ୍ଡିଖୋଲ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ତାଲୁକ କେନ୍ଦ୍ରର ଅଧକ୍ଷ ତଥା ଜେ.ଏମ.ଏଫ.ସି ସୌମ୍ୟରଂଜନ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲା ପ୍ୟାନେଲ ଲୟର ତଥା ରିସୋର୍ସ ପର୍ସନ ଆଇନଜୀବୀ ଝରଣା ମିଶ୍ର ଯୋଗଦେଇ ସାମ୍ବାଧାନିକ ବିଧି ବ୍ୟବସ୍ଥାରେ ମହିଳାମାନଙ୍କ ଅଧିକାର,




ସୁରକ୍ଷା, ଆଇନଗତ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ମିହଳାମାନେ ସ୍ୱବଲମ୍ବି, ଶଶକ୍ତି କରଣ ହୋଇପାରିଲେ ସମାଜରେ ଭେଦଭାବ ରହିବ ନାହିଁ। ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଉପସ୍ଥିତ +୨ ଓ +୩ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏମ.ଏଫ.ସି. ଶୁଶ୍ରୀ ତସଲିମା ଦାସ, କଲେଜ ପରିଚାଳନା କମିଟି ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡା, କଲେଜ ଅଧକ୍ଷ ଡ଼ଃ ବିରେନ୍ଦ୍ର କୁମାର ମିଶ୍ର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାଶ, ପ୍ରାକ୍ତନ ସମ୍ପାଦକ ଉଦୟନାଥ ସାହୁ, ଜିଲ୍ଲା ଲିଗାଲ ଏଡ଼ ସଂଯୋଜକ କୈଳାସ ଚନ୍ଦ୍ର ସାମଲ, ଜିଲ୍ଲା ଏନ.ଏସ.ଏସ ସଂଯୋଜକ ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କୋର୍ଟ ଲିଗାଲ ଏଡ଼ ରିଟେନର ଆଇନଜୀବୀ ଲୋମାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାୟକ ଦ୍ୱାରା ମାସ୍କ ବଂଟନ

ଖୋର୍ଦ୍ଧା , (ପିଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ରାଜେନ୍ଦ୍ର କୁମାର ସାହୁ ମିଶନ ଶକ୍ତି ସହାୟତାରେ ସବୁ ଘରକୁ ମାସ୍କ ଯୋଗାଇଦେବା ଅବସରରେ ଆଜି ଡିଙ୍ଗର ଓ ଦେଉଳୀ ପଂଚାୟତରେ ଉପସ୍ଥିତ ରହି ମାସ୍କ ବଂଟନ କରିଥିଲେ।ଏଥିରେ ବ୍ଲକ ଉପାଧ୍ୟକ୍ଷା ତନୁଜା ପାଟଶାଣୀ,ବେଗୁନିଆ ମହିଳା ମହାସଂଘର ସଭ୍ୟ ରୀନା ସେଠୀ,ରୁପକାନ୍ତି ସାହୁ,ଶାନ୍ତିଲତା ରଣସିଂହ,ଗୀତାଞ୍ଜଳୀ ସୁବୁଦ୍ଧି ଓ ରଶ୍ମିତା ଗୁମାନସିଂ ସମେତ ଦୁଇ ପଂଚାୟତର ମିଶନ ଶକ୍ତି ପଦାଧିକାରୀ ଯୋଗ ଦେଇଥିଲେ ।

# ଯରର୍ସ ହୋପ ଫାଉଣ୍ଡେସନ ପକ୍ଷରୁ ରନ୍ଧା ଖାଦ୍ୟ ବଂଟନ

ଖୋର୍ଦ୍ଧା : ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯରର୍ସ ହୋପ ଫାଉଣ୍ଡେସନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରନ୍ଧାଖାଦ୍ୟ ବଂଟନ କରାଯାଇଛି। ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ ଖୋଲା ଯାଇଥିବା ଆହାର କେନ୍ଦ୍ରଟି ପ୍ରତ୍ୟେକ ରବିବାର ବନ୍ଦ ରହୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସଂଗଠନ ତରଫରୁ ରନ୍ଧାଖାଦ୍ୟ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ। ଯରର୍ସ ହୋପ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧକ୍ଷା ରୀନା ରାଣୀ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜ ସେବୀ ଲଳିତ ମୋହନ ମହାପାତ୍ର, ଯୋଗେଶ ପଣ୍ଡା, ବାସୁଦେବ ବେହେରା, ତ୍ରୀନାଥ ବିଶ୍ୱାଳ, ସଂଗଠନର ସଦସ୍ୟ ରଂଜନ ନାୟକ, ସନ୍ତୋଷ ନାୟକ, ସୁବାସ ବେହେରା, ଶିବପ୍ରସାଦ ବିଶ୍ୱାଳ, ମାନଗୋବିନ୍ଦ ଭଞ୍ଜ, ମନୋରଂଜନ ବିଜୟସିଂହ, ସୁବ୍ରତ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ରବିବାର ଦିନ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରାଯିବ କାହାକୁ ଭୋକିଲାରେ ରହିବା ପାଇଁ ଦିଆଯିବ ନାହିଁ।ସଂଗଠନର ଅଧକ୍ଷା ରୀନାରାଣୀ ନାୟକ ପ୍ରକାଶ କରିଛନ୍ତି।

# ନିଖୋଜର ତିନି ବର୍ଷ ପରେ ଶ୍ରାବଣୀ ଫେରିଲା ନିଜ ଭିଟାମାଟିକୁ

ଖୋର୍ଦ୍ଧା,(ପି.ଏନ); ମସିହା ମାର୍ଚ୍ଚ ୧୫ ତାରିଖରେ ଏକ ୧୦ ବର୍ଷର ଶିଶୁକନ୍ୟାକୁ ଭୁବନେଶ୍ୱର ରେଳଷ୍ଟେସନରୁ ରେଳବାଇ ସୁରକ୍ଷା ବଳ ଉଦ୍ଧାର କରି ଅତିରିକ୍ତ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲେ ।ଏହି ଶିଶୁଟିର ପରିଚୟ ନ ପାଇବାରୁ କମିଟିର ନିର୍ଦ୍ଦେଶରେ କଳିଙ୍ଗ ବିହାରସ୍ଥିତ ବିଶ୍ୱ ଜୀବନ ସେବା ସଂଘ ମୁକ୍ତ ଆଶ୍ରୟ ସ୍ଥଳୀରେ ରଖାଯିବାର ବ୍ୟବସ୍ଥା କରାଯାଇଥିଲା । ଶିଶୁ କନ୍ୟାଟିର କହିବା ଅନୁସାରେ ଆନ୍ଧ୍ରପ୍ରଦେଶର ଗୋଦାବରୀ ଓ ବିଶାଖପାଟଣା ଜିଲ୍ଲାର ଶିଶୁ ମଙ୍ଗଳ ସମିତି ସହିତ ଯୋଗାଯୋଗ ହୋଇଥିଲେ ମଧ୍ୟ ଏହି ସମିତି ଦ୍ୱୟରୁ କୌଣସି ସନ୍ଧାନ ପାଇପାରି ନଥିଲା ।ପିଲାଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ପ୍ରୟାସ ଆରମ୍ଭ ହୋଇ ଖୋର୍ଦ୍ଧା ଅତିରିକ୍ତ ଶିଶୁ ମଙ୍ଗଳ ସମିତି ପକ୍ଷରୁ ଶିଶୁ ସୁରକ୍ଷା ୟୁନିଟ ତତ୍ୱାବଧାନରେ ସ୍ୱଳ୍ପ ଦିନ ପାଇଁ ପାଳିତା କନ୍ୟା ଭାବରେ ଏକ ପରିବାରକୁ ପଠାଯାଇଥିଲା । ସେଠାରେ ନିଜ ପରିବାର ସଦସ୍ୟଙ୍କ ପାଖକୁ ଫେରିଯିବାକୁ ଚାହିଁବାରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଓ ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡଃ ପର୍ଶୁରାମ ମହାରଣାଙ୍କୁ ଜଣାଇବା ପରେ ଜିଲ୍ଲା ସ୍ତରରୁ ଏକ ଟିମ ଗଠନ କରି ଶିଶୁ କନ୍ୟା ଶ୍ରାବଣୀର ଠିକଣା ମିଳିଯାଇଥିବାରୁ ବିଶାଖପାଟଣା ଶିଶୁ ମଙ୍ଗଳ ସମିତି ହସ୍ତାନ୍ତର କରିଥିଲେ । ଟିମ ଲିଡର ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ ଓ ରୁଚିକାମୁକ୍ତ ଆଶ୍ରୟସ୍ଥଳୀର ସାମାଜିକ କର୍ମୀ ପ୍ରିୟଦର୍ଶିନୀ ରାଉତରାୟ ଶ୍ରାବଣୀର ଠିକଣା ଚିହ୍ନଟ କରି ପିତୃମାତୃହୀନ ଶ୍ରାବଣୀକୁ ତିନିବର୍ଷ ପରେ ପରିବାର ସଦସ୍ୟଙ୍କ ସହିତ ମିଳାମିଶା କରାଇଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩ ଗିରଫ, ୮୦୩ ବାହନ ଜବତ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୪ ବାହନକୁ ଜବତ କରା ଯାଇଛି ।

## ବିଶ୍ୱକର୍ମା ମହାସଭା ସଙ୍ଗଠନର ବୈଠକ

ଖୋର୍ଦ୍ଧା : ଖୋର୍ଦ୍ଧା ସଦର ମହୁକୁମାରେ ଅବସ୍ଥିତ ପର୍ଯ୍ୟଟନସ୍ଥଳୀ ମା ବରୁଣେଇ ପୀଠରେ ବିଶ୍ୱକର୍ମା ସଙ୍ଗଠନର ଜିଲ୍ଲା ସଭାପତି ଗୌତମ ମହାରଣା ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏ ନେଇ ଆୟୋଜିତ ସଭାରେ ଖଦି ଗ୍ରାମୋଦ୍ୟୋଗ ଅଧିକାରୀ ପ୍ରଦୀପ କୁମାର ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ପକ୍ଷରୁ ଖଦି ଗ୍ରାମୋଦ୍ୟାଗରେ ଶିଳ୍ପୀ ଓ କାରିଗର ମାନଙ୍କ ପାଇଁ ବ୍ୟାଙ୍କ ମାଧ୍ୟମରେ ଦିଆଯାଉଥିବା ଆର୍ଥିକ ସହାୟତା ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ ।ଏଥିରେ ଉପସଭାପତି ନାରାୟଣ ମହାରଣା, ସମ୍ପାଦକ ହାଡିବନ୍ଧୁ ମହାରଣା, ପୁରୀ ଜିଲ୍ଲା ସଭାପତି ଉଲ୍ଲାସ ମହାରଣା, ସଦସ୍ୟ ସଞ୍ଜୟ ମହାରଣା (ସୋରଣ)ଯୋଗୀ ମହାରଣା, ମଧୁସୂଦନ ମହାରଣା,ରାହୁଳ ମହାରଣା, ସୁଧାକର ମହାରଣା, ମହେଶ୍ୱର ମହାରଣା ସମେତ ବହୁ କର୍ମକର୍ତା ଯୋଗ ଦେଇଥିଲେ ।

# ଦିବାରାତ୍ରୀ ଭଲିବଲ ପ୍ରତିଯୋଗୀତା

କେନ୍ଦ୍ରାପଡ଼ା,୮।୧୧(ପି.ଏନ) : ବଗଡା ଗ୍ରାମରେ କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦ ଏବଂ ତ୍ରିପୁରା ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଏକ ଦିବାରାତ୍ରୀ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲାର ୮ଟି ବଛା ବଛା ଦଳ ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗୀତାରେ ତିଖିରୀ, ସୁବଳ, ହରିଅଙ୍କ, ଖସାଡି, ବଗଡା, ପଟ୍ଟାମୁଣ୍ଡାଇ, ପାଟକୁରା ଓ କେନ୍ଦ୍ରାପଡାର ଭଲିବଲ ଦଳମାନେ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ତ୍ରିପୁରା ଭଲିବଲ ଏକାଡେମୀ କେନ୍ଦ୍ରାପଡା ଦଳକୁ ୧୭-୨୫, ୨୬-୨୪, ୨୧-୧୯ ପଏଣ୍ଟରେ ହରାଇ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଭାବେ ଯୁବ ବିଜେଡି ସଭାପତି ରାଜେଶ ଦାସ ଯୋଗଦେଇ କେନ୍ଦ୍ରାପଡା ଭଲିବଲ କ୍ଷେତ୍ରରେ କିପରି ଖେଳାଳିମାନେ ଆଗକୁ ଯାଇପାରିବେ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ସୁନାମ ଆଣିପାରିବେ ସେଥିପାଇଁ ଚେଷ୍ଟା କରିବା ସହ କ୍ରୀଡା ମନୁଷ୍ୟକୁ ମାନସିକ ଏବଂ ଶରୀର ଗଠନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ତଥା ବିଜୁପ୍ରେମୀ ଭଜକୃଷ୍ଣ ରାଉତ, ଦିବାକର ଜେନା, ପ୍ରତାପ ନାୟକ, ଫକିର ଓଝା, ଦିଲ୍ଲିପ କୁମାର ସାହୁ, ଦେବପ୍ରସାଦ ପାଣି, ଶ୍ରୀଧର ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ସହ ସମ୍ପାଦକ ଛବି ପ୍ରସାଦ ମହାକୁଡ, ଦେବେନ୍ଦ୍ର ସାହୁ, ସେକ ରଫିକ, ସମାଜସେବୀ ଦେବେନ୍ଦ୍ର ପରିଡା ଏବଂ ତ୍ରିପୁରା ଭଲିବଲ ଏକାଡେମୀର ସଭ୍ୟ ବିଗୁନି ବେହେରା, ମଣ୍ଟୁ ସାହୁ, ସ୍ଥିତପ୍ରଜ୍ଞ ଜେନା, ଉତ୍କଳ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ବଗଡା କ୍ଲବର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ । ଏହି ପ୍ରତିଯୋଗୀତାରେ ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଯୋଗଦେବେ ବୋଲି ସୂଚନା ମିଳିଛି । ସେମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହେବ ।

## ସ୍ୱର୍ଗତ ଇଂ ରମେଶ ଚନ୍ଦ୍ର ବାରିକ୍‌ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳିତ

ଚଣ୍ଡିଖୋଲ, (ପି.ଏନ୍)-ସ୍ୱର୍ଗତ ଇଂ ରମେଶ ଚନ୍ଦ୍ର ବାରିକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ତାଙ୍କ ନିଜ ବାସସ୍ଥାନ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଛତିଆ ପଂଚାୟତର ଏକଡ଼ାଳିଆ ଗ୍ରାମର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବାରିକ୍ ଙ୍କ ବାସ ଭବନରେ ଏକ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳୀ ସଭାରେ ବଡ଼ଚଣା ଆଂଚଳିକ ଜନ ଚେତନା ସାମାଜିକ ସ୍ୱେଚ୍ଛାସେବୀ ପରିସରର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ଅଧ୍ୟାପିକା ନିବେଦିତା ବାରିକ୍, ରେଳ ବିଭାଗର ଡ଼େପୁଟି ଚିଫ୍ ଇଂଜିନିୟର ଅମ୍ବିକା ପ୍ରସାଦ ବାରିକ୍, ଯମୁନା ନନ୍ଦ ବାରିକ୍, ପୂର୍ବତନ ସରପଂଚ ଆଇନଜୀବୀ ଅମୂଲ୍ୟ କୁମାର ତ୍ରିପାଠୀ, ଇଂ



ଭବାନିପ୍ରସାଦ ବାରିକ୍, ପ୍ରସନ୍ନ କୁମାର ହୋତା, ପ୍ରାକ୍ତନ ସରପଂଚ ନିଳକଂଠ ମିଶ୍ର, ଭାସ୍କର ପ୍ରଧାନ ପ୍ରମୁଖ ବହୁ ଶିକ୍ଷାବିତ୍ ଜ୍ଞାନୀ ଗୁଣି ବ୍ୟକ୍ତିମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥିମାନେ ସ୍ୱର୍ଗତ ବାରିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ। ସ୍ୱର୍ଗତ ବାରିକଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଆଦର୍ଶ ସିଭିଲ୍ ଇଂଜିନିୟର ଥିବା ସମୟରେ କୋରାପୁଟ୍, ବଲାଙ୍ଗିର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲା ମାନଙ୍କରେ ରହି କର୍ମ କ୍ଷେତ୍ରରେ ପ୍ରଶଂସିତ ହୋଇଥିଲେ ବୋଲି ଅତିଥି ଶ୍ରୀଯୁକ୍ତ ନନ୍ଦ ମତ ପ୍ରକାଶ କରିଥିଲେ। ଉପସ୍ଥିତ ଥିବା ଅତିଥିମାନେ ସ୍ୱର୍ଗତ ବାରିକଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶି ଦେବୀ ବାଳିକା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକର୍ମୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସେଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ତାଙ୍କର ଏକମାତ୍ର ପୁତ୍ର ମାଧବାନନ୍ଦ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପାଚକ-ପାଚିକା ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,(ପି.ଏନ୍)-ବିଜୁ ଶ୍ରମିକ ସାମୁଖ୍ୟ ଆନୁକୁଲ୍ୟରେ ନିଖିଳ ଓଡ଼ିଶା ମଧାହ୍ନ ଭୋଜନ ପାଚକ ଓ ପାଚିକା ସଂଘ ପକ୍ଷରୁ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବଡ଼ଚଣା ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ଜଗନ୍ନାଥ ମୁଦୁଲି ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ପ୍ରଦୀପ୍ କୁମାର ନାୟକ, ସମ୍ମାନୀତ ଅତିଥିଭାବେ ଧର୍ମଶାଳା ବ୍ଲକ୍ ପାଚକ-ପାଚିକା ସଂଘର ସଭାନେତ୍ରୀ ଆରତୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାକର ସାମଲ କ୍ଷିରୋଦ ପଣ୍ଡା, ସାମ୍ବାଦିକ ଶିବରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ଚଣା ବ୍ଲକ୍ ର ପାର୍ବତ୍ୟାଂଚଳର ଭୁଷଣ୍ଡପୁର, ଦର୍ପଣ, ସିହା, କାଇମାଟିଆ ଓ ଶାଳପଡ଼ା ପଂଚାୟତରେ ଥିବା ସ୍କୁଲ ମାନଙ୍କର ଶତାଧିକ ପାଚକ ପାଚିକା ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜୁ ଶ୍ରମିକ ସାମୁଖ୍ୟ ସଂଗଠନ ରାଜ୍ୟ ସ୍ତରୀୟ କରାଯାଇଅଛି। ରାଜ୍ୟରେ ଥିବା ସମସ୍ତ ସଂଗଠନରେ ଥିବା ଶ୍ରମିକମାନଙ୍କର ନାର୍ଯ୍ୟଦାବୀକୁ ହାସଲ କରିବା ପାଇଁ ବିଶେଷ କରି ପାଚକ ପାଚିକାମାନଙ୍କର ଅଧିକ ସୁବିଧା ପାଇଁ




ଏହି ସଂଗଠନ ନିଶ୍ଚିତ ଭାବରେ କାର୍ଯ୍ୟ କରିବ। ତାଙ୍କର ଦାବୀପ୍ରତି ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସାଧାରଣ ସଂପାଦକ ତଥା ସାଂସଦ ସୁବାଷ ସିଂହଙ୍କର ଦୃଢ଼ ସମର୍ଥନ ରହିଅଛି ବୋଲି ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପାଚକ ପାଚିକାମାନେ ସ୍କୁଲମାନଙ୍କରେ ଛାତ୍ରଛାତ୍ରୀଙ୍କ ପାଇଁ ମଧାହ୍ନ ଭୋଜନ ପାଇଁ ରୋଷେଇ କରିଛନ୍ତି। ଯେପରି 'ମା' ଟିଏ ନିଜ ଘରେ ନିଜ ପରିବାର ପାଇଁ ରୋଷେଇ କରି ସେବା କରିଥାଏ ସେହିପରି ସ୍କୁଲ ମାନଙ୍କରେ ତାଙ୍କର ପୁଅ ଝିଅ ଭାବି ରୋଷେଇ କରି ଅମୃତ ଭଳି ଭୋଜନଟିଏ ଦେଇଥାଏ। ବର୍ତମାନ ସରକାର ସେମାନଙ୍କୁ ମାସିକ ୧୪୦୦ ଟଙ୍କା ଦେଉଛନ୍ତି ଅଧିକନ୍ତୁ ଏ ସରକାର ଅନ୍ୟ ସମସ୍ତ କର୍ମଚାରୀମାନଙ୍କୁ ଅଧିକ ଦରମା ଦେଉଛନ୍ତି କିନ୍ତୁ ପାଚିକାଟିଏ ସେ ସୁବିଧା ଆଜି ପର୍ଯ୍ୟନ୍ତ ପାଇ ପାରିନାହିଁ। ବର୍ତମାନ ମୁଖ୍ୟ ଦାବୀ ହେଉଛି ସରକାର ପାଚକ ପାଚିକାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ମାସିକ ୯ ହଜାର ଟଙ୍କା ବେତନ ଦେଲେ ପାଚିକାମାନେ ନିଜ ପରିବାରକୁ ଚଳାଇବାରେ ଆତ୍ମ ନିର୍ଭରଶୀଳ ହୋଇପାରିବେ। ପାଚିକ ପାଚିକାମାନଙ୍କ ଦାବୀକୁ ସରକାରମାନି ନେଲେ ରାଜ୍ୟର ସମସ୍ତ ପାଚକ ପାଚିକାମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯିବ। ଆସନ୍ତା ଦିନରେ ବଡ଼ଚଣା ବ୍ଲକ୍‌ର ସମସ୍ତ ପାଚିକ ପାଚିକାମାନଙ୍କର ଏକ ବୈଠକ ଚଣ୍ଡିଖୋଲ ଛକ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ହେବା ପାଇଁ ସ୍ଥିର କରାଯିବ ବୋଲି ସଭାପତି ଶ୍ରୀ ମୁଦୁଲି ପ୍ରକାଶ କରିଥିଲେ। ପ୍ରସ୍ତୁତି ବୈଠକରେ ପାଚିକା ଗୀତା ପୃଷ୍ଟି, ମିନତୀ ପାତ୍ର, ନିରୁପମା ପାତ୍ର, କନକ ଲତା ପୃଷ୍ଟି, କୁମୁଦୁନି ସାହାଣୀ, ବାସନ୍ତୀ ବାରିକ୍, ମଂଜୁଲତା ସାହୁ, ରୀତା ପୃଷ୍ଟି, ସ୍ନେହମୟୀ ବସନ୍ତରାୟ, ଝରଣା ଦେହୁରୀ, ହେମଲତା ସାହୁ, କ୍ଷିର ବେହେରା, ସଜନୀ ରଣା, ଡ଼ଲି ସାହୁ, ସୁଲୋଚନା ସାମଲ, ପ୍ରଭାତୀ ସାମଲ, ଟୁନି ବେହେରା, ପ୍ରଣତି ଦାସ, ବିମ୍ବଳୀ ବେହେରା, ମାତନ ସାହୁ ପ୍ରମୁଖ ଏ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କ୍ଷିରୋଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray